**ଜିଆର୍‌ଏସ୍‌ଙ୍କୁ ଧମକ, ଜିଲାପାଳଙ୍କୁ ଅଭିଯୋଗ**

ଝାରସୁଗୁଡା ଅଫିସ୍: ଝାରସୁଗୁଡା ଜିଲାର ଏକ ପ୍ରମୁଖ ରାଜନୈତିକ ଦଳର ଜଣେ ସକ୍ରିୟ କର୍ମୀ ଝାରସୁଗୁଡା ବ୍ଲକ ହିର୍ମା ପଞ୍ଚାୟତର ଗ୍ରାମ ରୋଜଗାର ସେବକ (ଜିଆର୍‌ଏସ୍) ରାଧେଶ୍ୟାମ ସାହୁଙ୍କୁ ଫୋନ୍‌ରେ ଗାଳିଗୁଲଜ କରିବା ସହ ଧମକ ଦେଇଛନ୍ତି। ଏହି ଅଡିଓ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେବାରେ ଲାଗିଛି। ଏହା ଝାରସୁଗୁଡାରେ ଚର୍ଚ୍ଚାର ବିଷୟ ହୋଇଛି। ଏହି ଘଟଣାରେ ଜିଲା ଜିଆର୍‌ଏସ୍ ସଂଘ ତରଫରୁ ଜିଲାପାଳ, ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ, ବିଡିଓ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଛି। ଏହାର ତଦନ୍ତ କରି ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସଂଘ ଦାବି କରିଛି। ଏହାକୁ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଓ ସାମାଜିକ କର୍ମୀମାନେ ନିନ୍ଦା କରିଛନ୍ତି।

## ଆଜି କ'ଣ କେଉଁଠି

ସମ୍ବଲପୁର

- ସ୍ୱାଧୀନ ଅନୁଷ୍ଠାନ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ, ଓଡିଶା ସାଂସ୍କୃତିକ ସମାଜ ଭବନ, ସନ୍ଧ୍ୟା ୫ଟା।
- ଜୁନିୟର ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟ, ହାୱା ମଇଦାନ, ସକାଳ ୮ଟା।
- ଇନ୍ସପାୟାର ଅନୁଷ୍ଠାନ ପକ୍ଷରୁ ରାଜ୍ୟସ୍ତରୀୟ ଆଲୋଚନା ଚକ୍ର ଓ କର୍ମଶାଳା, ହୀରାକୁଦ କଲୋନୀସ୍ଥିତ ରୋଟାରୀ କ୍ଲବ ସଭାକକ୍ଷ, ପୂର୍ବାହ୍ନ ସାଢ଼େ ୯ଟା।
- ଜିଲା ପ୍ରଶାସନ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ସମାରୋହ, ତପସ୍ୱିନୀ ପ୍ରେକ୍ଷାଳୟ, ପୂର୍ବାହ୍ନ ସାଢ଼େ ୧୦ଟା।
- ମେଘପାଲ ପଞ୍ଚାୟତ ପକ୍ଷରୁ ଆଲୋଚନାଚକ୍ର ଓ ପ୍ରତିଭା ସମ୍ବର୍ଦ୍ଧନା ସଭା, ମେଘପାଲ ଗଙ୍ଗାଧର ମେହେର ପାଠାଗାର, ପୂର୍ବାହ୍ନ ୧୦ଟା।

## ସଂକ୍ଷେପରେ

### ରାଉରକେଲା ଡାକ୍ତରଙ୍କ ରିପୋର୍ଟ ନେଗେଟିଭ୍

**ଭୁବନେଶ୍ୱର,୭।୩(ବ୍ୟୁରୋ):** ରାଉରକେଲାର ଅବସରପ୍ରାପ୍ତ ଡାକ୍ତର ଏସ୍. ସୁଲେମାନ୍ ଟିକା ନେବାପରେ କରୋନା ପଜିଟିଭ୍ ଚିହ୍ନଟ ହେବା ଘଟଣାର ପୂର୍ଣ୍ଣଚ୍ଛେଦ ପଡ଼ିଛି। ତାଙ୍କର ପ୍ରଥମ ଓ ଦ୍ୱିତୀୟ ରିପୋର୍ଟ ନେଗେଟିଭ୍ ଆସିଛି ରବିବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସ୍ପଷ୍ଟ କରିଛି। ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର କହିଛନ୍ତି, ରାଉରକେଲା ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍)ରେ ଯେଉଁ ପଜିଟିଭ୍ ରିପୋର୍ଟ ଆସିଥିଲା, ତାହା ତ୍ରୁଟିପୂର୍ଣ୍ଣ ଥିଲା। ଫଳରେ ଟିକାକୁ ନେଇ ଯେଉଁ ସନ୍ଦେହ ସୃଷ୍ଟି ହୋଇଥିଲା ସେଥିରେ ଆଶ୍ୱସ୍ତି ମିଳିଛି। ଡାକ୍ତର ସୁଲେମାନ ଜାନୁଆରୀ ୧୬ରେ ପ୍ରଥମ ଡୋଜ୍ ଓ ଫେବୃଆରୀ ୧୫ରେ ଦ୍ୱିତୀୟ ଡୋଜ୍ କରୋନା ଟିକା ନେଇଥିଲେ। କିନ୍ତୁ ଫେବୃୟାରୀ ୩ରେ ଆଇଜିଏଚ୍‌ରେ ତାଙ୍କର ଆର୍‌ଟିପିସିଆର୍ ଟେଷ୍ଟ କରାଯାଇଥିଲା ଓ ରିପୋର୍ଟ ପଜିଟିଭ୍ ଆସିଥିଲା। ଟିକା ନେବା ପରେ ରିପୋର୍ଟ ପଜିଟିଭ୍ ଆସିଥିବାରୁ ପୁଣିଥରେ ତାଙ୍କର ସ୍ୱାବ୍ ଓ ରକ୍ତ ନମୁନା ରିଜିଓନାଲ ମେଡିକାଲ ରିସର୍ଚ୍ଚ ସେଣ୍ଟର(ଆରଏମ୍‌ଆର୍‌ସି)କୁ ପଠାଯାଇଥିଲା। ଏହାପରେ ତାଙ୍କ ରକ୍ତ ନମୁନାରେ ପର୍ଯ୍ୟାପ୍ତ ପରିମାଣର କରୋନା ଆଣ୍ଟିବଡି ସୃଷ୍ଟି ହୋଇଥିବା ଜଣାପଡ଼ିଥିଲା ଓ ସ୍ୱାବ୍ ରିପୋର୍ଟ ନେଗେଟିଭ୍ ଆସିଥିଲା। ତେବେ କାହିଁକି ପ୍ରଥମ ରିପୋର୍ଟ ପଜିଟିଭ୍ ଆସିଲା ଜାଣିବା ପାଇଁ ପ୍ରଥମ ସ୍ୱାବ୍ ନମୁନାକୁ ପୁଣିଥରେ ଆର୍‌ଏମ୍‌ଆର୍‌ସିରେ ପରୀକ୍ଷା କରାଯାଇଥିଲା। ଏହି ରିପୋର୍ଟ ମଧ ନେଗେଟିଭ୍ ଆସିଥିବା ସ୍ପଷ୍ଟ କରିଛନ୍ତି ପ୍ରଦୀପ୍ତ ମହାପାତ୍ର। ସେ କହିଛନ୍ତି, ଆଇଜିଏଚ୍‌ର ରିପୋର୍ଟ ତ୍ରୁଟିପୂର୍ଣ୍ଣ ଥିଲା।

### ପାରିବାରିକ କଳହରୁ ଯୁବକଙ୍କ ଆତ୍ମହତ୍ୟା

**ସମ୍ବଲପୁର,୭।୩(ବ୍ୟୁରୋ):** ସମ୍ବଲପୁର ଜିଲା ଯୁଯୁମୁରା ଥାନା ଲିପିଣ୍ଡା ଗ୍ରାମର ପ୍ରଶାନ୍ତ ନାଏକ (୩୦)ଙ୍କ ମୃତଦେହ ଗ୍ରାମ ନିକଟସ୍ଥ ଏକ ଗଛରୁ ପୋଲିସ ଉଦ୍ଧାର କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ଘଟଣାର ତଦନ୍ତ କରାଯାଉଛି। ପାରବାରିକ କଳହ ଯୋଗୁ ସେ ଆତ୍ମହତ୍ୟା କରିଛନ୍ତି।

# ଦେବଗଡ଼ ସହର ଧୂଆଁମୟ

- ପାହାଡ଼, ଜଙ୍ଗଲରେ ନିଆଁ ଲାଗିବାର ପ୍ରଭାବ
- ରାସ୍ତାଘାଟ ଧୂଆଁମୟ ଯୋଗୁ ଯାତାୟାତରେ ଅସୁବିଧା

**ଦେବଗଡ଼, ୭।୩ (ଡି.ଏନ.ଏ)**

ଦେବଗଡ଼ ସହର ଗତକିଛି ଦିନ ଧରି ଧୂଆଁମୟ ହୋଇଛି। ରାସ୍ତାଘାଟରେ ଧୂଆଁ ଯୋଗୁଁ ଯାନବାହନ ଚଳାଇବା କଷ୍ଟକର ହୋଇପଡ଼ିଛି। ରାସ୍ତାରେ ଯିବାଆସିବାରେ ଅସୁବିଧା ହେଉଛି। ଘରେ ମଧ୍ୟ ରହିଲେ ଧୂଆଁ ଯୋଗୁ ଆଖି ପୋଡୁଛି। ଏଭଳି ହେବାର କାରଣ ଜିଲାର ପ୍ରଧାନପାଟ ସଂରକ୍ଷିତ ଜଙ୍ଗଲ ୫ଦିନ ଧରି ଜଳୁଛି। ବନବିଭାଗ ନିଆଁକୁ ଲିଭାଇବାକୁ ଉଦ୍ୟମ ଚଳାଇଛନ୍ତି। କିନ୍ତୁ ନିଆଁକୁ ଆୟତ୍ତ କରାଯାଇପାରି ନାହିଁ। ଫଳରେ ଜଙ୍ଗଲରୁ ବାହାରୁ ଥିବା ପ୍ରବଳ ଧୂଆଁ ଯୋଗୁ ପ୍ରଧାନପାଟ ସଂରକ୍ଷିତ ଜଙ୍ଗଲ ନିକଟରେ ଥିବା ଦେବଗଡ଼ ସହର ରାସ୍ତାଘାଟ ଧୂଆଁମୟ ହୋଇଛି। ସେହିପରି ପ୍ରଧାନପାଟ ସମେତ କୁରୋଡ଼କୋଟ ସଂରକ୍ଷିତ ଜଙ୍ଗଲରେ ନିଆଁ ଲାଗିଛି। ଜଙ୍ଗଲ ଜଳୁଥିବାରୁ ବହୁ ମୂଲ୍ୟବାନ ବୃକ୍ଷଲତା ନଷ୍ଟ ହୋଇଯାଉଥିବା କୁହାଯାଉଛି। ଏହା ସହ ଜଙ୍ଗଲ ଭିତରେ ଥିବା ଅନେକ ଶରୀସୃପ, ବନ୍ୟପ୍ରାଣୀ ସଙ୍କଟରେ ଅଛନ୍ତି। ଏହି ଜଙ୍ଗଲରେ ହାତୀ, ଠେକୁଆ, ବାର୍‌ହା ଆଦି ରହିଛନ୍ତି। ଜଙ୍ଗଲ ଜଳୁଥିବାରୁ ସେମାନଙ୍କ ଜୀବନ ବିପଦପୂର୍ଣ୍ଣ ହେବା ସହ ସେମାନେ ବଞ୍ଚିବା ଲାଗି ଜନବସତି ମୁହାଁ ହେଉଥିବା ଜଣାପଡ଼ିଛି। ପ୍ରତିବର୍ଷ ଏହି ସମୟରେ ଜଙ୍ଗଲରେ ନିଆଁ ଲାଗୁଥିବା ଜଣାପଡ଼ିଛି। ମହୁଲ ସଂଗ୍ରହ ସମୟରେ ଲୋକେ ନିଆଁ ଲଗାଇ ଜଙ୍ଗଲ ପୋଡୁଥିବା ଜଣାପଡ଼ିଛି। ଏଥିପାଇଁ ଲୋକଙ୍କୁ ବନବିଭାଗ ପକ୍ଷରୁ ସଚେତନ କରାଯିବାର ଜରୁରୀ ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀ ଜନସାଧାରଣ ମତ ଦେଇଛନ୍ତି। ତା' ନ ହେଲେ ପ୍ରତିବର୍ଷ ଏଭଳି ନିଆଁ ଲାଗି ଜଙ୍ଗଲ ନଷ୍ଟ ହୋଇଚାଲିଥିବ। ଏହାର କୁପ୍ରଭାବ ପରିବେଶ ଉପରେ ପଡ଼ିବାର ମଧ୍ୟ ଆଶଙ୍କା ରହିଛି।

ଦେବଗଡ଼ ସହର ଠାରୁ କିଛି ଦୂରରେ ଥିବା ପାହାଡ଼,ଜଙ୍ଗଲ ଜଳୁଥିବାରୁ ସେଠାରେ ସୃଷ୍ଟି ହେଉଥିବା ଧୂଆଁ ସହର ଆଡ଼କୁ ପବନରେ ଚାଲିଆସୁଛି। ଫଳରେ ସହର ଧୂଆଁରେ ଆଚ୍ଛାଦିତ ହୋଇ କୁହୁଡ଼ିଭଳି ଦେଖାଯାଉଛି। ଛୋଟପିଲା, ବରିଷ୍ଠ ନାଗରିକ ଧୂଆଁମୟ ପରିବେଶ ଯୋଗୁ ଅଣନିଃଶ୍ୱାସୀ ହୋଇପଡୁଛନ୍ତି। ବନବିଭାଗ ଜଙ୍ଗଲ ନିଆଁକୁ ଯୁଦ୍ଧକାଳୀନ ଭିତ୍ତିରେ ଆୟତ୍ତ କରିବା ଜରୁରୀ ହୋଇପଡ଼ିଛି ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି।



ଦେବଗଡ଼ ସହର ନିକଟ ପାହାଡ଼ ଉପରେ ନିଆଁ ଜଳୁଛି।

# ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ମୃତ

**କ୍ଷତିପୂରଣ ଦାବିରେ ରାସ୍ତାରୋକୋ**

**ଝାରସୁଗୁଡା ଅଫିସ୍,୭।୩**

ଝାରସୁଗୁଡା ଜିଲା ରେଙ୍ଗାଲି ଥାନା ଅଧୀନ ଛତିଶଗଡ ସୀମାନ୍ତ କନକତୋରା ଛକରେ ଗତ ଶନିବାର ରାତି ସାଢେ ୧୧ଟାରେ ଏକ ବାଇକ୍‌କୁ ଲୁହା ବୋଝେଇ ଟ୍ରକ୍ ପଛରୁ ଧକ୍କା ଦେବାରୁ ଘଟଣାସ୍ଥଳରେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କନକତୋରା ଗ୍ରାମର ମନୋଜ ସାହୁ(୩୮)। ସ୍ଥାନୀୟ ଲୋକେ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଏବଂ ୪୯ ନଂ. ଜାତୀୟ ରାଜପଥରେ ଦୁର୍ଘଟଣା ରୋକିବା ଦାବିରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ଫଳରେ ସୀମାନ୍ତରେ ଯାନାବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ରେଙ୍ଗାଲି ଥାନା ଆଇଆଇସି ସାରଙ୍ଗଧର ପାଣିଗ୍ରାହୀ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରି କ୍ଷତିପୂରଣ ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ରବିବାର ସକାଳ ୬ଟାରେ ଆନ୍ଦୋଳନ ପ୍ରତ୍ୟାହୃତ ହେବା ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଦୁର୍ଘଟଣା ରୋକିବା ପାଇଁ ସ୍ଥାନୀୟ ଲୋକେ ପୋଲିସକୁ ୭ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏ ନେଇ ପୋଲିସ ରେଙ୍ଗାଲି ଥାନାରେ ଏକ ମାମଲା (ନଂ. ୩୮/୨୧) ରୁଜୁକରି ତଦନ୍ତ ଚଳାଇଛି। ଉଭୟ ଟ୍ରକ୍ (ନଂ.ସିଜି୧୫ଡିପି/୫୭୧୮) ଓ ବାଇକ୍ (ନଂ.ଓଆର୍୨୩ଇ/୯୩୧୧)କୁ ଜବତ କରାଯାଇଛି। ମନୋଜ ନିଜ କୁକୁଡା ଫାର୍ମ ବନ୍ଦ କରି ରାତିରେ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ଟ୍ରକ୍ ତାଙ୍କ ବାଇକ୍‌କୁ ପଛରୁ ଧକ୍କା ଦେଇଥିଲା।

# କ୍ରିକେଟ ପ୍ରତିଯୋଗିତା: ଚିଚିଣ୍ଡା ଚାମ୍ପିୟନ



ଅତିଥିମାନଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ ।

**ବ୍ରଜରାଜନଗର,୭।୩(ଡି.ଏନ.ଏ)**

ବ୍ରଜରାଜନଗର ଚାନ୍ଦିନିମାଳ ପଞ୍ଚାୟତର ବାରଖଣ୍ଡିଆ ଗ୍ରାମରେ ମାଁ ସମଲେଶ୍ୱରୀ କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ କ୍ରିକେଟ ପ୍ରତିଯୋଗିତାରେ ବାରଖଣ୍ଡିଆକୁ ହରାଇ ଚିଚିଣ୍ଡା ଦଳ ଚାମ୍ପିୟନ ହୋଇଛି। ବାରଖଣ୍ଡିଆ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୧୨୭ ରନ କରିଥିଲା। ଜବାବରେ ଚିଚିଣ୍ଡା ଦଳ ୯ ଓଭରରେ ୧୨୮ ରନ କରି ବିଜୟୀ ହୋଇଥିଲା। ବ୍ରଜରାଜନଗର ବିଧାୟକ କିଶୋର ମହାନ୍ତି ମୁଖ୍ୟଅତିଥି, ଜିଲା ଓକିଲ ସଂଘ ସଭାପତି ତ୍ରିନାଥ ଗୁଆଲ, ରାଜପୁର ସମିତି ସଭ୍ୟ ଗଣେଶ ବାଗ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଉଭୟ ଦଳକୁ ଟ୍ରଫି ସହ ନଗଦ ରାଶି ପ୍ରଦାନ କରିଥିଲେ। ସାନ୍ତନୁ ଓ ସରୋଜ ଖେଳ ପରିଚାଳନା କରିଥିଲେ। ଆୟୋଜକ ବ୍ଲକ ସଭାପତି ଜିଗମା ନାଏକ ଅତିଥି ପରିଚୟ ପ୍ରଦାନ କରିଥିଲେ।

# ବେଦବ୍ୟାସ ମେଳା ବନ୍ଦକୁ ନେଇ ପ୍ରତିକ୍ରିୟା

**ବେଦବ୍ୟାସ, ୭।୩(ଡି.ଏନ.ଏ.)**

କୋଏଲ, ଶଙ୍ଖ ଓ ସରସ୍ୱତୀର ସଙ୍ଗମସ୍ଥଳ, ଇସ୍ପାତ ନଗରୀ ରାଉରକେଲାର ପ୍ରବେଶ ପଥ ହେଉଛି ବେଦବ୍ୟାସ ଶୈବପୀଠ। ଏହି ତ୍ରିବେଣୀ ସଙ୍ଗମସ୍ଥଳରୁ ଉତ୍ପତି ହୋଇଛି ବ୍ରାହ୍ମଣୀ। ରାଉରକେଲା ରେଳଷ୍ଟେସନ ଠାରୁ ପ୍ରାୟ ୧୫ କିଲୋମିଟର ଦୂର ଓ ରାଜ୍ୟ ରାଜପଥ ୧୦ ସମ୍ବଲପୁର ରାସ୍ତା ଦେଇ ଗଲେ ଏହି ପୀଠ ପଡିଥାଏ। ରମଣୀୟ ଓ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ଏହି ସ୍ଥାନର ନିଆରା ଆକର୍ଷଣ କେବଳ ଓଡ଼ିଶା ନୁହେଁ, ବିହାର, ଝାଡ଼ଖଣ୍ଡ, ଛତିଶଗଡ଼ ଓ ପଶ୍ଚିମବଙ୍ଗ ଆଦି ରାଜ୍ୟର ପର୍ଯ୍ୟଟକଙ୍କୁ ଟାଣିଆଣିଥାଏ। ପ୍ରତିବର୍ଷ ମହାଶିବରାତ୍ରି ଠାରୁ ୧୫ ଦିନ ପର୍ଯ୍ୟନ୍ତ ହେଉଥିବା ଶିବରାତ୍ରି ମେଳା ବେଦବ୍ୟାସ ମେଳା ନାମରେ ନାମିତ। ଚଳିତବର୍ଷ ଜିଲ୍ଲା ପ୍ରଶାସନ ଏହି ମେଳାକୁ କରୋନା ମହାମାରୀ ଯୋଗୁ ସମ୍ପୂର୍ଣ୍ଣ ଭାବେ ରହିତାଦେଶ ଲାଗୁ କରିଛନ୍ତି। ଐତିହାସିକ ପ୍ରସିଦ୍ଧ ବେଦବ୍ୟାସ ମେଳା ରହିତାଦେଶକୁ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରତିକ୍ରିୟା ସୃଷ୍ଟି ହୋଇଛି।

ଏନେଇ ରାଉରକେଲା ଓକିଲ ସଂଘର ରମେଶ ବଳ କହିଛନ୍ତି, କେତେକ କାର୍ଯ୍ୟକ୍ରମ ବିନା କୋଭିଡ୍ କଟକଣାରେ ଚାଲୁଥିବାବେଳେ ଦୀର୍ଘ ୧୧୪ବର୍ଷର ଐତିହାସିକ ବେଦବ୍ୟାସ ମେଳା ଚଳିତବର୍ଷ ଜିଲ୍ଲା ପ୍ରଶାସନ ପକ୍ଷରୁ ଜାରିକରାଯାଇଥିବା ରହିତାଦେଶ ଚର୍ଚ୍ଚାର ବିଷୟ।

ବିଧି ରକ୍ଷା କରାଯାଇ ପାଳନ କରାଯାଇପାରିଥାନ୍ତା। ଐତିହାସିକ ବେଦବ୍ୟାସ ମେଳା ଉପରେ ରହିତାଦେଶ ଲାଗୁ କରିବା ଓ ଜଣେ ତହସିଲଦାରଙ୍କୁ ମହାଦୀପ ଉଠାଇବା ପାଇଁ ଆଦେଶନାମା ଦେବା ଆଲୋଚନାର ବିଷୟ ବୋଲି କହିଛନ୍ତି ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ମିଶ୍ର। ପୂଜାପାଠ ସାଧୁ ସନ୍ୟାସୀ ଓ ପୂଜକମାନଙ୍କୁ ନେଇ ହୁଏ। କିନ୍ତୁ ଚଳିତବର୍ଷ ମହାଦୀପ ଜଣେ ତହସିଲଦାର ଉଠାଇବା ପାଇଁ ନିଷ୍ପତ୍ତି ଏହା ପୂଜ୍ୟପୂଜା ଓ ପରମ୍ପରାକୁ ଅଙ୍ଗୁଳି ନିର୍ଦ୍ଦେଶ କଲା ଭଳି ଜଣାପଡୁଛି ବୋଲି କନ୍ୟାଶ୍ରମ ବେଦବ୍ୟାସ ରାଉରକେଲାର ସ୍ୱାମୀ ଅଗ୍ନି ବାବା କହିଛନ୍ତି। ସେହିଭଳି ସେବାୟତ ଗୋପାଳ ଚନ୍ଦ୍ର ମିଶ୍ର କହିଛନ୍ତି, ସରକାରଙ୍କ ନିଷ୍ପତ୍ତିକୁ ଆମେ ସ୍ୱାଗତ କରୁଛୁ। ପ୍ରଥମେ ଜୀବନ ଓ ପରେ ଜାନିଯାତ୍ରା ବୋଲି କହିଛନ୍ତି ସେବାୟତ ମିଶ୍ର। ବିଧି ଅନୁଯାୟୀ ଶିବରାତ୍ରି ପୂଜାପାଠ ହେଉ। ସାଧାରଣ ବ୍ୟକ୍ତିଙ୍କଠାରୁ ନେଇ ବ୍ୟବସାୟୀ, ଶ୍ରଦ୍ଧାଳୁଙ୍କଠାରୁ ନେଇ ସେବାୟତ ପର୍ଯ୍ୟନ୍ତ ସମସ୍ତଙ୍କ ମନରେ ଭଗବାନ ଶିବଙ୍କ ପ୍ରତି ଭକ୍ତି ରହୁ ଓ ଘରେ ରହି ପ୍ରାର୍ଥନା କରନ୍ତୁ। ମନସ୍କାମନା ପୂର୍ଣ୍ଣ ହେବ। ମହାମାରୀଠାରୁ କେମିତି ଜନଜୀବନ ରକ୍ଷାପାଇ ପାରିବ ତାହା ସମସ୍ତେ ପ୍ରାର୍ଥନା କରିବା ଉଚିତ ବୋଲି କହିଛନ୍ତି ବେଦବ୍ୟାସ ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ଉମାକାନ୍ତ ପଣ୍ଡା।

# ଗୁପ୍‌ଚୁପ୍ ବିକାଳିଙ୍କୁ ମରଣାନ୍ତକ ଆକ୍ରମଣ

**ସମ୍ବଲପୁର/ପଡିଆବାହଲ, ୭।୩(ବ୍ୟୁରୋ/ଡି.ଏନ.ଏ.)**

ସଦର ଥାନା ପଡିଆବାହାଲ ଛକରେ ଜଣେ ଗୁପଚୁପ ବିକାଳିଙ୍କୁ ମରଣାନ୍ତକ ଅକ୍ରମଣ ହୋଇଛି। ସେ ହେଲେ ବିନ୍ଦେଶ୍ୱର ସଦା। ୩ ଦୁର୍ବୃତ୍ତ ତାଙ୍କୁ ଅକ୍ରମଣ କରିଥିଲେ। ୨ ଯୁବକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ସ୍ଥାନୀୟ ଲୋକେ ଜଣେ ଦୁର୍ବୃତ୍ତଙ୍କୁ ଅଟକ ରଖି ପୋଲିସ ଜିମା ଦେଇଥିଲେ। ବିନ୍ଦେଶ୍ୱରଙ୍କୁ ପଡିଆବାହାଲ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଥିଲା। ଏବେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି। ଗୁପଚୁପ ଖାଇବା ପରେ ଟଙ୍କା ମାଗିବାରୁ ଦୁର୍ବୃତ୍ତମାନେ ତାଙ୍କୁ ଆକ୍ରମଣ କରିଥିବା ନେଇ ଅଭିଯୋଗ ହୋଇଛି। ସଦର ଥାନା ଅଧିକାରୀ ଚିନ୍ତାମଣି ପ୍ରଧାନ କହିଛନ୍ତି ଯେ, ଘଟଣା ଘଟିବା ପରେ ପୋଲିସ ପହଞ୍ଚିଥିଲା। ସ୍ଥାନୀୟ ଜନସାଧାରଣ କାବୁ କରିଥିବା ଯୁବକଙ୍କୁ ଥାନାକୁ ଅଣାଯାଇଥିଲା ।

# ନାକଟିଦେଉଳରେ ଜରାଶ୍ରମ ପ୍ରତିଷ୍ଠା ନେଇ ଉଦ୍ୟମ

**ଅଞ୍ଚଳବାସୀଙ୍କ ଠାରୁ ମତାମତ ସଂଗ୍ରହ**

**ନାକଟିଦେଉଳ,୭।୩(ଡି.ଏନ.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳଠାରେ ବେସରକାରୀ ଭାବେ ଏକ ଜରାଶ୍ରମ ପ୍ରତିଷ୍ଠା ନେଇ ଉଦ୍ୟମ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ରବିବାର ନାକଟିଦେଉଳ ନିକଟସ୍ଥ ଜଗନ୍ନାଥ ପ୍ରସାଦ ଗ୍ରାମରେ ଉଦ୍ୟୋକ୍ତାମାନଙ୍କ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ତଥା ଅଞ୍ଚଳବାସୀଙ୍କ ଠାରୁ ମତାମତ ସଂଗ୍ରହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଆଇଏଏସ ଗୁରୁପ୍ରସାଦ ମିଶ୍ର ସଭାପତିତ୍ୱ କରିଥିଲେ। ସଂସ୍ଥାର ନାମ ଜୀବନଧାରା ଜରାଶ୍ରମ ରଖାଯାଇଥିବା ବେଳେ ଏହାର ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ନାକଟିଦେଉଳ ବିଡ଼ିଓ ବିବେକାନନ୍ଦ ସାହୁ, ତହସିଲଦାର ସୁକାନ୍ତ କୁମାର ନାଏକ, ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଡା. ଅମୂଲ୍ୟ ରତ୍ନ ମହନ୍ତ ଏବଂ ଆନନ୍ଦିତା ମିଶ୍ର ଅତିଥି ଭାବେ ଯୋଗଦେଇ ଏହି ଜରାଶ୍ରମ ଖୋଲାଗଲେ ଅଞ୍ଚଳର ଜନସାଧାରଣ ଉପକୃତ ହୋଇପାରିବେ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ସାହୁ, ପୂର୍ଣ୍ଣଚନ୍ଦ୍ର ଗଡ଼ତ୍ୟା ଏବଂ ବଳମ ପଞ୍ଚାୟତର ସମିତି ସଭ୍ୟ ନେତ୍ରାନନ୍ଦ ରାଉଳ ପ୍ରମୁଖ ଜରାଶ୍ରମ ପ୍ରତିଷ୍ଠା ସଂପର୍କରେ ମତାମତ ରଖିଥିଲେ। ଜୀବନ ଧାରା ଜରାଶ୍ରମର ସଭାପତି ଜ୍ୟୋତି ମଞ୍ଜରୀ ମେହେର ସଂସ୍ଥାର କାର୍ଯ୍ୟଧାରା ଉପରେ ବିସ୍ତୃତ ଆଲୋଚନା କରିବା ସହ ଏ ଦିଗରେ ଅଞ୍ଚଳବାସୀଙ୍କ ସହଯୋଗ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ଅଞ୍ଚଳର ପ୍ରାୟ ୭୦ ଜଣ ଯୋଗଦେଇ ମତାମତ ରଖିଥିଲେ ।

# ନାରୀ ସଶକ୍ତ ହେଲେ ସୁସ୍ଥ ସମାଜ ଗଠନ ସମ୍ଭବ

**ଦୁଇ ଦିନିଆ ମହିଳା କର୍ମଶାଳା ଉଦ୍‌ଘାଟିତ**

**ସମ୍ବଲପୁର, ୭।୩ (ବ୍ୟୁରୋ)**

ବିଶ୍ୱ ମହିଳା ଦିବସକୁ ଦୃଷ୍ଟିରେ ରଖି ଇନ୍ସପାୟାର ଅନୁଷ୍ଠାନ ପକ୍ଷରୁ ଦୁଇଦିନିଆ ମହିଳା କର୍ମଶାଳା ରବିବାର ରୋଟାରୀ କ୍ଲବ ସଭାକକ୍ଷରେ ଉଦ୍‌ଘାଟିତ ହୋଇଯାଇଛି। ଆଇଆଇଏମ ସମ୍ବଲପୁରର ପ୍ରଫେସର ସୁନିତା ସିନ୍ଧି ମୁଖ୍ୟଅତିଥି ଭାବେ ଯୋଗଦେଇ କର୍ମଶାଳା ଉଦଘାଟନ କରିଥିଲେ। ଶୁଭଶ୍ରୀ ବାରିକ, ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ପ୍ରଫେସର ମୋହନ ସାହୁ ଆଲୋଚକ ଭାବେ ଯୋଗ ଦେଇଥିଲେ। ନାରୀ ନିଜକୁ ସଶକ୍ତ କଲେ ସୁସ୍ଥ ସମାଜ ଗଠନ ହେବା ସହ ନିଜେ ଅଗ୍ରଣୀ ହୋଇପାରିବ। ତେଣୁ ନାରୀକୁ ଉତ୍ତମ ଶିକ୍ଷା ପ୍ରଦାନ ଓ କୌଶଳର ଆବଶ୍ୟକତା ରହିଛି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜକ ଅନୁଷ୍ଠାନ ସମ୍ପାଦକ ନିହାରରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଡା. ସଞ୍ଜୀବ ମିଶ୍ର କର୍ମଶାଳା ପରିଚାଳନାରେ ସହଯୋଗ କରିଥିଲେ ।



ଅତିଥିମାନେ ମହିଳାମାନଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

# ରାସ୍ତାକଡ଼ରେ ଦିବ୍ୟାଙ୍ଗ ଗାଇଲେ ସଙ୍ଗୀତ

**କୁତ୍ରା, ୭।୩(ଡି.ଏନ.ଏ.)**

ଦିବ୍ୟାଙ୍ଗ (ଦୃଷ୍ଟିହୀନ) ଗ୍ରୁପ ଦ୍ୱାରା କୁତ୍ରା ସମେତ ଆଖପାଖ ଅଞ୍ଚଳରେ ପଥପ୍ରାନ୍ତ ସଙ୍ଗୀତ ପରିବେଷଣ କାର୍ଯ୍ୟକ୍ରମ ଚାଲିଛି। ଏହା ମାଧ୍ୟମରେ ସଂଗୃହୀତ ଅର୍ଥରେ ନିଜର ଜୀବିକା ନିର୍ବାହ କରୁଛନ୍ତି। ପ୍ରାୟ ୨/୩ମାସ ବ୍ୟବଧାନରେ ଆସୁଥିବା ଏହି ଦଳ ରାସ୍ତା କଡ଼ରେ ସଙ୍ଗୀତ ଉପକରଣ ସହିତ ଭଜନ ଓ ଅନ୍ୟାନ୍ୟ ଗୀତଗୁଡ଼ିକୁ ସୁମଧୁର କଣ୍ଠରେ ପରିବେଷଣ କରନ୍ତି। ସେମାନଙ୍କର ସଙ୍ଗୀତ ଶୁଣି ରାସ୍ତାରେ ଯାଉଥିବା ଲୋକଙ୍କ ଗୋଡ଼ ଅଟକି ଯାଏ। କାର୍ଯ୍ୟକ୍ରମ ପରିବେଷଣ ସମୟରେ ସେଠାରେ ଏକ ଦାନବାକ୍ସ ରଖିଥାନ୍ତି। ସେଥିରେ ଯାହା ମିଳେ ସେତିକିରେ ସେମାନେ ସନ୍ତୁଷ୍ଟ ହୁଅନ୍ତି। ନିଜର କଣ୍ଠ ଦାନ ସହିତ ନିଜ ହସ୍ତର ଆଙ୍ଗୁଳି ଆପେ ଆପେ ହସ୍ତ ତିଆରି ଏବଂ ଇଲେକ୍ଟ୍ରୋନିକ୍ସ ବାଦ୍ୟ ଯନ୍ତ୍ର ଉପରେ ଚାଲେ। ଉତ୍କଳ ଜ୍ୟୋତି ଦିବ୍ୟାଙ୍ଗ ଭଜନ ନାମରେ ଗଢିଥିବା ସେମାନଙ୍କ ସଂସ୍ଥା ପକ୍ଷରୁ ନିବେଦନ କରାଯାଇଛି ଯେ, ପିଲାଙ୍କ ଜନ୍ମଦିନ ଓ ଅନ୍ୟାନ୍ୟ ପୂଜାପାର୍ବଣରେ କୌଣସି ପରିବାର ସେମାନଙ୍କୁ ଡାକିଲେ କମ୍ ଖର୍ଚ୍ଚରେ ସେମାନଙ୍କ ଘରେ ଏହି ପ୍ରକାର ସୁବିଧା ଦେଇପାରିବେ। ସୁନ୍ଦରଗଡ଼ ଜିଲାର ଅନେକ ସ୍ଥାନରେ ସେମାନେ ଏ ପ୍ରକାର କାର୍ଯ୍ୟକ୍ରମମାନ କରିସାରିଲେଣି। ସେମାନଙ୍କ ଏହି ପ୍ରୟାସକୁ ସମ୍ବେଦନଶୀଳ ହୃଦୟବାନ ଶିକ୍ଷତ ନାଗରିକ ବେଶ ପ୍ରଶଂସା କରିଛନ୍ତି। ସାମ୍ବାଦିକ ଦେବାଶିଷ ସାହୁ, କାହ୍ନୁଚରଣ ସାହୁ, ପଙ୍କଜ ସାହୁ, ଦିପକ ମିଶ୍ର, ବୁଟୁ ଦାସ, ପ୍ରଫୁଲ୍ଲ ସାହୁ ଓ ଅନେକ ସାମାଜିକ ବ୍ୟକ୍ତି ବିଶେଷ ଏମାନଙ୍କୁ ସରକାରୀ ସ୍ତରରେ ନ ହେଲେ ମଧ ସାମାଜିକ ଅନୁଷ୍ଠାନ ଓ ସରକାରୀ ସ୍ତରରେ ପ୍ରୋତ୍ସାହିତ କରିବା ପାଇଁ ମତବ୍ୟକ୍ତ କରିଛନ୍ତି।





କୁତ୍ରାରେ ଦିବ୍ୟାଙ୍ଗମାନେ ସଙ୍ଗୀତ ପରିବେଷଣ କରୁଛନ୍ତି।

# ସ୍ପଷ୍ଟୀକରଣ ପରେ ବି ଚିତ୍ର ଅସ୍ପଷ୍ଟ

**ଭିସୁଟ୍ ଛାତ୍ରଙ୍କ କୋଭିଡ୍ ପଜିଟିଭ୍ ରିପୋର୍ଟ ଘଟଣା**

- ଅଡୁଆରେ ସରକାର, ଠିକ୍ ସୂଚନା ଦାବି

**ସମ୍ବଲପୁର,୭।୩ (ବ୍ୟୁରୋ)**

ସମ୍ବଲପୁର ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ୍)ର ବିଭିନ୍ନ ହଷ୍ଟେଲରେ ରହୁଥିବା ୨୫ ଛାତ୍ରୀଛାତ୍ରଙ୍କ କୋଭିଡ୍ ରିପୋର୍ଟକୁ ନେଇ ଏବେ ବି ଦ୍ୱନ୍ଦ୍ୱ ଲାଗି ରହିଛି । କିଟ୍‌କୁ ନେଇ ସରକାର ଓ କମ୍ପାନୀ ଦେଇଥିବା ସ୍ପଷ୍ଟୀକରଣରେ ତାଳମେଳ ରହୁନାହିଁ। ଯୋଗାଇ ଦିଆଯାଇଥିବା କିଟ୍‌ଗୁଡିକ ଠିକ୍ ଥିବା କମ୍ପାନୀ ଦାବି କରୁଛି । ଅନ୍ୟପକ୍ଷେ ସରକାର କିଟ୍‌ରେ ତ୍ରୁଟି ଥିବା ଯୋଗୁ ଛାତ୍ରୀଛାତ୍ରଙ୍କ ରିପୋର୍ଟ ପଜିଟିଭ ଆସିଥିବା ନେଇ ସ୍ପଷ୍ଟୀକରଣ ଦେଇଥିଲେ । ଏବେ କିଏ ସତ କହୁଛି ତାହା ଅସ୍ପଷ୍ଟ ରହିଛି ।

ପ୍ରକାଶ ଯେ, ହଷ୍ଟେଲରେ ରହୁଥିବା ୨୫ ଜଣ ଛାତ୍ରୀଛାତ୍ରଙ୍କ ଆଣ୍ଟିଜେନ୍ ରିପୋର୍ଟରେ କୋଭିଡ୍ ପଜିଟିଭ ଆସିଥିଲା। ଏହାପରେ ମାର୍ଚ୍ଚ ୨ ତାରିଖରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର ସ୍ପଷ୍ଟୀକରଣ ଦେଇଥିଲେ । ସେ କହିଥିଲେ ଯେ ରାପିଡ୍ ଆଣ୍ଟିଜେନ୍ ଡିଟେକ୍ସନ କିଟ୍‌ରେ ତ୍ରୁଟି ଥିବା କାରଣରୁ ଭୁଲ ରିପୋର୍ଟ ଆସିଥିଲା । ଆରଟିପିସିଆର ଟେଷ୍ଟ ରିପୋର୍ଟରେ ସମ୍ପୃକ୍ତ ୨୫ ପିଲାଙ୍କ ରିପୋର୍ଟ ନେଗେଟିଭ୍ ଆସିଛି। ଏଥିସହିତ ନୂଆଦିଲ୍ଲୀସ୍ଥିତ ଓସ୍କାର ମେଡିକେୟାର ପ୍ରାଇଭେଟ୍ ଲିମିଟେଡ କମ୍ପାନୀକୁ ଓଡ଼ିଶା ରାଜ୍ୟ ଔଷଧ ନିଗମ ପକ୍ଷରୁ କାରଣ ଦର୍ଶାଅ ନୋଟିସ କରାଯାଇଥିବା ସେ କହିଥିଲେ। ୩ ଦିନ ଭିତରେ ଏହାର ଜବାବ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାକୁ ନେଇ କମ୍ପାନୀ ପକ୍ଷରୁ ମାର୍ଚ୍ଚ ୪ ଓ ୫ ତାରିଖରେ ଭୁବନେଶ୍ୱରସ୍ଥିତ ଆଇସିଏମ୍‌ଆରରେ ବୁର୍ଲା ଭିମ୍‌ସାର ନୋଡାଲ ଅଫିସର ଡା. ସୁଦର୍ଶନ ପୋଥାଲଙ୍କ ଉପସ୍ଥିତିରେ କିଟ୍ ପରୀକ୍ଷାର ଲାଇଫ୍ ଡେମୋ ଦେଖାଯାଇଥିଲା। ଓସ୍କାର କମ୍ପାନୀର ୪୫ ଓ ଅଲପାଇନ୍ କମ୍ପାନୀର ୧୫ଟି କିଟ୍ ବ୍ୟବହାର କରାଯାଇଥିଲା। ମୋଟ ୬୦ ଜଣଙ୍କ ପରୀକ୍ଷା ହୋଇଥିଲା। ବିବାଦରେ ଥିବା ଲଟ୍‌ର ଡି୦୦୮ ଓ ଡି୧୦୪ ଲଟ୍‌ର କିଟ୍‌ଗୁଡିକ ରହିଥିଲା। ସମସ୍ତ ୬୦ ଜଣଙ୍କ ରିପୋର୍ଟ ଆଣ୍ଟିଜେନ୍‌ରେ ନେଗେଟିଭ୍ ଓ ଆରଟିପିସିଆରରେ ମଧ ନେଗେଟିଭ୍ ଆସିଥିଲା। ଏହି ରିପୋର୍ଟକୁ ଆଧାର କରି କମ୍ପାନୀ ତା'ର କିଟ୍‌ରେ ତ୍ରୁଟି ନ ଥିବା ସ୍ପଷ୍ଟୀକରଣ ଦେଇଛି । ଟ୍ରାନ୍ସପୋର୍ଟ ସମୟରେ ଫ୍ରିଜର୍ ସମସ୍ୟା ଯୋଗୁ ମାତ୍ର କେତୋଟି କିଟ୍ ଖରାପ ଥାଇପାରେ ବୋଲି କମ୍ପାନୀ କହିଛି । କମ୍ପାନୀର ରିପୋର୍ଟକୁ ଆଧାର କରି ଓଡ଼ିଶା ରାଜ୍ୟ ଔଷଧ ନିଗମ ପକ୍ଷରୁ ଭିମ୍‌ସାର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଏନେଇ ତଥ୍ୟଭିତ୍ତିକ ରିପୋର୍ଟ ମାର୍ଚ୍ଚ ୫ ତାରିଖରେ ପ୍ରଦାନ କରାଯାଇଥିଲା। ଏବେ ସରକାର ଓ କମ୍ପାନୀର ସ୍ପଷ୍ଟୀକରଣ ବିବାଦୀୟ ହୋଇପଡିଛି। ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କ ମନରୁ ପଜିଟିଭ୍ ଓ ନେଗେଟିଭ୍ ରିପୋର୍ଟର ଦ୍ୱନ୍ଦ୍ୱ ଦୂର ହୋଇନାହିଁ । ବାସ୍ତବରେ କମ୍ପାନୀ ଠିକ୍ କହୁଛି ନା ସରକାର ଜାଣିଶୁଣି ଭିସୁଟ୍ ଭଳି ଶିକ୍ଷାନୁଷ୍ଠାନରେ କୋଭିଡ୍ ସଂକ୍ରମଣ ହେବା ଘଟଣାକୁ ଚାପିଦେବାକୁ ଉଦ୍ୟମ କରୁଥିଲେ ସେ ନେଇ ତଦନ୍ତ କରାଯାଉ ବୋଲି ସାଧାରଣରେ ଦାବି ହେଉଛି। ଅନ୍ୟପକ୍ଷରେ କମ୍ପାନୀ ନିଜ କିଟ୍‌ଗୁଡିକ ଠିକ୍ ଥିବା ନେଇ ଦାବି କରିବ। ସରକାର ମଧ ଘଟଣାକୁ ନେଇ ଭିନ୍ନ ମତ ରଖିପାରନ୍ତି। ହେଲେ ଏହାର ଉଚ୍ଚସ୍ତରୀୟ ତଦନ୍ତ ଆବଶ୍ୟକ ରହିଛି ବୋଲି ଜିଲା ଓକିଲ ସଂଘ ସଭାପତି ଡ. ପ୍ରମୋଦ ରଥ ଦାବି କରିଛନ୍ତି ।

ସୂଚନାଯୋଗ୍ୟ ଯେ ଭିସୁଟ୍‌ରେ ଫେବୃୟାରୀ ଶେଷ ସପ୍ତାହରେ ୨୫ ଜଣ ଛାତ୍ରୀଛାତ୍ର ପଜିଟିଭ ଚିହ୍ନଟ ହେବା ନେଇ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ଦିଆଯାଇଥିଲା। ଏହାକୁ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବୁର୍ଲା ସମେତ ଜିଲାବାସୀ ଭୟଭୀତ ହୋଇ ପଡ଼ିଥିଲେ । ଭିସୁଟ୍ କ୍ୟାମ୍ପସ ପରିସରରେ ଥିବା ୧୧ଟି ହଷ୍ଟେଲକୁ ପ୍ରଶାସନ ପକ୍ଷରୁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରାଯାଇଥିଲା ।

## ନଡ଼ିଆ ବୋଝେଇ ପିକ୍‌ଅପ୍ ଦୁର୍ଘଟଣାଗ୍ରସ୍ତ

ଲୋଇସିଂହା,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଲୋଇସିଂହା-ପଦ୍ମପୁର ରାସ୍ତାର କରକଟିଆ ଛକ ନିକଟରେ ଏକ ବୋଲେରୋ ପିକ୍‌ଅପ୍(ନଂ.ସିଜି ୦୪ଏନଡି ୬୬୫୧) ଶନିବାର ବିଳମ୍ବିତ ରାତିରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଡ୍ରାଇଭର ଓ ହେଲପର ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ପଠାଇଥିଲେ। ପିକ୍‌ଅପ୍‌ରେ ନଡିଆ ବୋଝେଇ ହୋଇ ରାୟପୁରରୁ ବଲାଙ୍ଗୀର ଆସୁଥିଲା ।

## ସଂକ୍ଷେପରେ

### ଲାଠୋର ବସ୍‌ଷ୍ଟାଣ୍ଡରେ ଶୌଚାଳୟ ନିର୍ମାଣ ଦାବି

ଲାଠୋର, ୭।୩(ଡି.ଏନ.ଏ.):ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଗ୍ରାମର ମଧ୍ୟସ୍ଥଳୀ ରେଲୱେ ଜାଗାରେ ବସ୍‌ଷ୍ଟାଣ୍ଡ ରହିଛି। ପ୍ରତ୍ୟହ ଲାଠୋରରୁ ବଲାଙ୍ଗୀର, ନୂଆପଡା, ବରଗଡ ତଥା ଅନ୍ୟାନ୍ୟ ସ୍ଥାନକୁ ବସ୍ ଯାତାୟାତ କରୁଛି। ହେଲେ ବସ୍‌ଷ୍ଟାଣ୍ଡରେ ମହିଳାମାନଙ୍କ ପାଇଁ ଶୌଚାଳୟ ଏବଂ ପ୍ରତୀକ୍ଷାଳୟ ବ୍ୟବସ୍ଥା ନାହିଁ। ଫଳରେ ଯାତ୍ରୀମାନେ ବିଶେଷ କରି ମହିଳାମାନେ ଦୋକାନ ସମ୍ମୁଖ ରାସ୍ତାରେ ବସ୍‌କୁ ଅପେକ୍ଷା କଲାବେଳେ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି। ଅପରପକ୍ଷେ ବସ୍‌ଷ୍ଟାଣ୍ଡରେ ଶୌଚାଳୟ ନ ଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଲୋକେ ଅନେକ ଥର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ କୌଣସି ସୁଫଳ ମିଳିନାହିଁ। ତେବେ ପ୍ରଶାସନ ମହିଳାଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବସ୍‌ଷ୍ଟାଣ୍ଡରେ ଏକ ପ୍ରତୀକ୍ଷାଳୟ ଏବଂ ଶୌଚାଳୟ ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି।

### ଅଟଳ ଲ୍ୟାବର ପ୍ରଶିକ୍ଷଣ ଶିବିର

ବେଲପଡା, ୭।୩(ଡି.ଏନ.ଏ.): ବେଲପଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅଟଳ ଲ୍ୟାବର ପ୍ରଶିକ୍ଷଣ ଶିବିର ସହ ବିଦ୍ୟାଳୟ ପରିସରରେ ଶୌଚାଳୟ ବିଧାୟକ ସରୋଜ ମହେରଙ୍କ ଦ୍ୱାରା ରବିବାର ଉଦ୍‌ଘାଟିତ ହୋଇଛି। ଶିଶୁ ବିଦ୍ୟାମନ୍ଦିର ସମ୍ପାଦକ ଅଧ୍ୟାପକ ମନୋଜ ମହାଖୁଡଙ୍କ ପରିଚାଳାନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନାଚାର୍ଯ୍ୟ ଜଗଦୀଶ ପୁଟେଲ ସଭାପତିତ୍ୱ କରିଥିଲେ । ପୂର୍ବତନ ଆଚାର୍ଯ୍ୟ ଦୁର୍ଯ୍ୟୋଧନ ସାହୁ, ଲକ୍ଷ୍ମଣ ମେହେର ପ୍ରମୁଖ ଉପସ୍ଥିତ ଥିଲେ ।

### ବୀରମହାରାଜପୁରକୁ ଏନ୍‌ଏସି ଘୋଷଣା ଦାବି, ଧାରଣା ଦେବ ନାଗରିକ ପରିଷଦ

ଅମରପାଲି, ୭।୩ (ଡି.ଏନ.ଏ): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସାମ୍ବାଦିକ ଭବନଠାରେ ବୀରମହାରାଜପୁର ନାଗରିକ ପରିଷଦ ତରଫରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୀରମହାରାଜପୁରକୁ ଏନଏସି ଘୋଷଣା, ଦେଉଳି ବାଡଁଶୁଣୀ ମହାଦୀ ପୋଲ ନିର୍ମାଣ, ସମ୍ବଲପୁର ବ୍ରହ୍ମପୁର ଭାୟା ବୀରମହାରାଜପୁର ନୂତନ ରେଳ ଲାଇନ ନିର୍ମାଣ, ଜଳସେଚନ ପାଇଁ ସୁରୁବାଲି ବନ୍ଧ ନିର୍ମାଣ ପାଇଁ ଦାବି କରାଯାଇଛି। ଏ ନେଇ ଆସନ୍ତା ଏପ୍ରିଲ ୨ତାରିଖଠାରୁ ବୀରମହାରାଜପୁର ତହସିଲ ସମ୍ମୁଖରେ ଧାରଣା ଦିଆଯିବ। ଖବରଦାତା ସମ୍ମିଳନୀରେ କିଶୋର ହୋତା, ଆଶ୍ରୟ ମହାନନ୍ଦ, ଭଗବାନ ବାଘ, ରାଧାଚରଣ ମେହେର ପ୍ରମୁଖ ଉପସ୍ଥିତ ଥିଲେ ।

### ବିନାଭକ୍ତରେ ହେବ ଖଇରମାଳ, ଚରଦା ଶିବରାତ୍ରି ମେଳା

ବିନିକା, ୭।୩(ଡି.ଏନ୍.ଏ): ବିନିକା ବ୍ଲକ ଖଇରମାଳ ହରିଶଙ୍କର ବାବାଙ୍କ ଶୈବପୀଠଓ ଚରଦା ବାବା କପିଳେଶ୍ୱର ମନ୍ଦିରରେ ଆସନ୍ତା ମହାଶିବରାତ୍ରି ମେଳା ନୀତିକାନ୍ତିରେ ପାଳିତ ହେବ । କରୋନା କଟକଣା ଯୋଗୁଁ ମେଳାର ଆନୁସାଙ୍ଗିକ କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି। କେବଳ ମନ୍ଦିରର ସେବାୟତ ଓ ଟ୍ରଷ୍ଟ କମିଟି ସଭ୍ୟମାନଙ୍କୁ ନେଇ ପୂଜାର୍ଚ୍ଚନା କରାଯିବ। ମନ୍ଦିରକୁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଦର୍ଶନକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି ବୋଲି ଟ୍ରଷ୍ଟ ବୋର୍ଡ କମିଟି ସଭାପତି ଅଶୋକ ପୃଷ୍ଟି କହିଛନ୍ତି।

### କ୍ରିକେଟ : ସେମିରେ ବରଗୁଡା

ବିନିକା, ୭।୩ (ଡି.ଏନ୍.ଏ): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ କୌଡିଆମୁଣ୍ଡା ସ୍କୁଲ ଖେଳପଡିଆରେ ସ୍ଥାନୀୟ କେଏମ୍‌ସିସି ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟର ରବିବାର ତୃତୀୟ ଦିନରେ ଚଢେଇପଙ୍କ ଦଳକୁ ହରାଇ ବରଗୁଡା ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରି ଚଢେଇପଙ୍କ ନିର୍ଦ୍ଧାରିତ ୧୦ଓଭରରେ ସମସ୍ତ ଉଇକେଟ ହରାଇ ୫୫ରନ କରିଥିଲା। ଜବାବରେ ବରଗୁଡା ୯.୪ଓଭରରେ ୪ ଉଇକେଟ ବିନିମୟରେ ୫୬ ରନ କରି ବିଜୟୀ ହୋଇଥିଲା। ମ୍ୟାନ୍ ଅଫ୍ ଦି ଟୁର୍ନାମେଣ୍ଟଭାବେ ବରଗୁଡା ଦଳର ପ୍ରସନ୍ନଙ୍କୁ ପୁରସ୍କୃତ କରାଯାଇଛି। କୌଡିଆମୁଣ୍ଡା ଆଜାଦ୍ ହିନ୍ଦ କ୍ଲବ ସଭାପତି ଧର୍ମରାଜ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବାଣିଜ୍ୟ ପରିବହନ ଓ ଯୋଜନା ସମନ୍ୱୟ ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନୀତ ଅତିଥିଭାବେ ଅଭୟ ପଧାନ, ସରକାରୀ ଓକିଲ ଜୟପ୍ରକାଶ ପଧାନ, ବିନିକା ବ୍ଲକ ବିଜେଡି ସଭାପତି ଦ୍ୱାରିକାନାଥ ସାହୁ ପ୍ରମୁଖ ଯୋଗଦେଇଥିଲେ।

# ନାରୀ ସବୁବେଳେ ଅସୁରକ୍ଷିତ

## ଆଜି ଅନ୍ତର୍ଜାତୀୟ ମହିଳା ଦିବସ

**ନାରୀର ହୃଦୟ ସର୍ବଦା ସୂକ୍ଷ୍ମ, କୋମଳ। ତାର ହସ କ୍ଷଣିକରେ ଅନ୍ୟକୁ ଆପଣର କରିପାରେ। କିନ୍ତୁ ବିଭିନ୍ନ ସମୟର ନାରୀ ନିର୍ଯାତନା, ତାଡ଼ନାର ଶିକାର ହେଉଛି। ବିକୃତ ମାନସିକତା ଯୋଗୁ ବଳାତ୍କାର, ହତ୍ୟା ଭଳି ଅପରାଧ ବଢ଼ିଚାଲିଛି। କୋମଳମତି ଶିଶୁକନ୍ୟା ମଧ୍ୟ ସେଥିରୁ ବାଦ୍ ପଡୁନାହିଁ। ପୁରୁଷ ପ୍ରାଧାନ୍ୟ ଦେଶରେ ନାରୀର ଜୀବନ ଅସୁରକ୍ଷିତ ହୋଇ ପଡ଼ିଛି । ଅନ୍ତର୍ଜାତିକ ମହିଳା ଦିବସ ଅବସରରେ ଏକ ମତାମତ ଭିତ୍ତିକ ଉପସ୍ଥାପନା।**

### ନିଶାରୁ ବଢୁଛି ନିର୍ଯାତନା



ନାରୀ ଏବେ ମଧ୍ୟ ଅସୁରକ୍ଷିତ । ନିଶା ସେବନ କରି ମଣିଷ ରାକ୍ଷସ ପାଲଟି ଯାଉଛି। ହିତାହିତ ଜ୍ଞାନ ହରାଇ ନାରୀ ଉପରେ ଅତ୍ୟାଚାର କରୁଛି। ନାରୀକୁ ସୁରକ୍ଷିତ ରଖିବାକୁ ହେଲେ ପ୍ରଥମେ ନିଶା କାରବାର ଉପରେ ଅଙ୍କୁଶ ଲଗାଇବା ଦରକାର । ସେଭଳି ଅପରାଧୀଙ୍କ ପାଇଁ କଡ଼ା ଆଇନ ଅଣାଯିବା କଥା । ଯଦ୍ୱାରା ଅପରାଧ ପାଇଁ ଲୋକେ ସାହାସ ଜୁଟାଇ ପାରିବେ ନାହିଁ। ଅନ୍ୟପଟେ ନାରୀ ସବୁବେଳେ ସଶକ୍ତ । ସବୁଜାଗାକୁ ଆଜି ନାରୀ ପହଞ୍ଚି ପାରୁଛି । ମାତ୍ର ଏଥିପାଇଁ ତାକୁ ସୁଯୋଗ ଦେବା ଦରକାର ।

**ଲିପିକା ସେଠ୍, ଅନ୍ତର୍ଜାତୀୟ ପର୍ବତାରୋହୀ।**

### ସମାନତା ଦରକାର



ଜନସଂଖ୍ୟା ଦୃଷ୍ଟିରୁ ମହିଳା ଓ ପୁରୁଷଙ୍କ ମଧ୍ୟରେ ସେତେ ବ୍ୟବଧାନ ନାହିଁ । କିନ୍ତୁ ପୋଲିସ, ବିଚାର ବିଭାଗ, ପ୍ରଶାସନିକ, ଶିକ୍ଷା ଆଦି କ୍ଷେତ୍ରରେ ମହିଳା, ପୁରୁଷଙ୍କ ମଧ୍ୟରେ ସମାନତା ନାହିଁ। ଏହି ଅସମାନତା ଦୂର ହେଲେ ଅର୍ଥାତ ଏସବୁ କ୍ଷେତ୍ରରେ ଲିଙ୍ଗଗତ ସମାନତା ଅଣାଗଲେ ନାରୀ ସୁରକ୍ଷିତ ହେବା ସାଙ୍ଗକୁ ଅଧିକ ସଶକ୍ତ ହୋଇ ପାରିବ । ଏଥିପାଇଁ କେବଳ ଅନ୍ୟ ଉପରେ ଦୋଷାରୋପ ନ କରି ନିଜକୁ ସଚେତନ ହେବାକୁ ପଡ଼ିବ। ସ୍କୁଲ, କଲେଜରେ ଶିକ୍ଷା ଗ୍ରହଣ ସହିତ ଯୋଗ୍ୟତା ଭିତ୍ତିରେ ପ୍ରତି ଯୁବତୀ ବିଭିନ୍ନ କ୍ଷେତ୍ରରେ ଆବେଦନ କରିବା ଦରକାର।

**ଇଂ ରଞ୍ଜିତା ପ୍ରିୟଦର୍ଶିନୀ, ସମାଜସେବୀ।**

### କଠୋର ଦଣ୍ଡ ଜରୁରୀ



ଆଜିଯାଏ କିଛି ପୁରୁଷ ନାରୀମାନଙ୍କୁ ଦୁର୍ବଳ ବୋଲି ବିଚାର କରୁଛନ୍ତି। ଫଳରେ ତାଙ୍କ ଉପରେ ଅନ୍ୟାୟ, ଅତ୍ୟାଚାର ବୃଦ୍ଧି ପାଉଛି। ତୃଣମୂଳ ସ୍ତରରୁ ନାରୀମାନଙ୍କୁ ପୁରୁଷଙ୍କ ସଙ୍ଗେ ସମାନ ଅଧିକାର ପ୍ରଦାନ କରିବା ଉଚିତ୍। ଏହା ସହିତ ସବୁକ୍ଷେତ୍ରରେ ସମତା ବଜାୟ ରଖିଲେ ନାରୀ ସଶକ୍ତୀକରଣ ହୋଇ ପାରିବ। ନାରୀଙ୍କ ଉପରେ ଅନ୍ୟାୟ, ଅତ୍ୟାଚାର କରୁଥିବା ଲୋକଙ୍କ ବିରୋଧରେ କଠୋର ଦଣ୍ଡ ବିଧାନ ଦରକାର। ସେହିପରି ପ୍ରତ୍ୟେକ ଥାନାରେ ମହିଳା ପୋଲିସ ନିଯୁକ୍ତିକୁ ଅଧିକ ଗୁରୁତ୍ୱ ଦିଆଯିବା ଉଚିତ୍ । ଏହାହେଲେ ନାରୀମାନେ ସୁରକ୍ଷିତ ରହି ପାରିବେ।

**ଦୀପା ବାରିକ, ସାମାଜିକ କର୍ମୀ।**

### ମାନସିକତାରେ ପରିବର୍ତ୍ତନ ଲୋଡ଼ା



ଆଜିର ଦିନରେ ନାରୀ ସୁରକ୍ଷିତ ନୁହେଁ । କାରଣ ସେ ସବୁବେଳେ ପୁରୁଷ ଦ୍ୱାରା ପ୍ରତାରିତା, ନିର୍ଯାତିତା ହେଉଛି। ନାରୀ ଏକାକୀ ବାଟରେ ଚାଲିପାରୁନାହିଁ। ନାରୀ ସଶକ୍ତୀକରଣ ପାଇଁ ଜନ ଜାଗରଣର ଆବଶ୍ୟକତା ରହିଛି। ନାରୀ ଅତ୍ୟାଚାର ପାଇଁ କଠୋର ଦଣ୍ଡ ଦରକାର। ଫଳରେ ସମାଜରେ ନାରୀ ନିର୍ଭୟରେ ଜୀବନଯାବନ କରିପାରିବ। ସେହିପରି ନାରୀଙ୍କୁ ଦୁର୍ବଳା ମନେ କରି କେତେକ ତାଙ୍କ ଉପରେ ଅତ୍ୟାଚାର କରି ଚାଲିଛନ୍ତି। ନାରୀକୁ ସୁରକ୍ଷିତ ରଖିବାକୁ ହେଲେ ସେଭଳି ବିକୃତ ମାନସିକତାରେ ପରିବର୍ତ୍ତନର ଆବଶ୍ୟକତା ରହିଛି।

**ପ୍ରୀତି ପ୍ରଧାନ, କଲେଜ ଛାତ୍ରୀ।**

**ରିପୋର୍ଟ: ପ୍ରେମାନନ୍ଦ ଖମାରୀ, ବରଗଡ଼ ଅଫିସ**

# ବିଶିମୁଣ୍ଡା ଉପବଜାର ପ୍ରାଙ୍ଗଣର ଶିଳାନ୍ୟାସ



ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଉପବଜାର ପ୍ରାଙ୍ଗଣର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି ।

**ସୋନପୁର,୭।୩(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ନିୟନ୍ତ୍ରିତ ବଜାର କମିଟି(ଆରଏମ୍‌ସି) ପକ୍ଷରୁ ସୋନପୁର ବ୍ଲକର ବିଶିମୁଣ୍ଡାଠାରେ ନୂତନ ଉପବଜାର ପ୍ରାଙ୍ଗଣ(ମାର୍କେଟ୍ ୟାର୍ଡ) ନିର୍ମିତ ହେବ। ଏଥିପାଇଁ ଆରଏମ୍‌ସି ପକ୍ଷରୁ ଟେଣ୍ଡର ପ୍ରକ୍ରିୟା ସରିଛି। ସୋନପୁର ବିଧାୟକ ତଥା ରାଜ୍ୟ ଅର୍ଥ ଓ ଅବକାରୀ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ ୨କୋଟି ୬୪ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଏହି ମାର୍କେଟ୍ ୟାର୍ଡର ଶିଳାନ୍ୟାସ ରବିବାର କରିଛନ୍ତି। ସ୍ଥାୟୀ ବଜାର ନିର୍ମାଣ ଦ୍ୱାରା ବିଶିମୁଣ୍ଡା ଓ ସାଗରପାଲି ପଞ୍ଚାୟତର ଚାଷୀ ଖରିଫ୍ ଏବଂ ରବି ଋତୁରେ ଧାନ ବିକ୍ରି ସମୟରେ ଆଉ ଝଡ ବର୍ଷା ଯୋଗୁ ଅସୁବିଧାର ସମ୍ମୁଖୀନ ହେବେ ନାହିଁ ବୋଲି ମନ୍ତ୍ରୀ ପୂଜାରୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ଡୁଙ୍ଗୁରିପାଲି ବ୍ଲକ ଅଧକ୍ଷ ମକରଧ୍ୱଜ ସାହୁ, ବିଶିମୁଣ୍ଡା ସରପଞ୍ଚ ମଧୁସୂଦନ ଓତା, ଡୁଙ୍ଗୁରିପାଲି ଆରଏମ୍‌ସି ସମ୍ପାଦକ ଉଦିତ କୁମାର ବାବୁ, ବରିଷ୍ଠ ଚାଷୀନେତା ମଧୁସୂଦନ ମିଶ୍ର, ବିଶିମୁଣ୍ଡା ପ୍ୟାକ୍ସ ସମ୍ପାଦକ ଯଦୁନନ୍ଦନ ଓତା, ଆରଏମ୍‌ସିର ସହକାରୀ ଯନ୍ତ୍ରୀ ଅବିନାଶ ମିଶ୍ର, କନିଷ୍ଠ ଯନ୍ତ୍ରୀ ରଞ୍ଜନ ମୁର୍ମୁ ଓ ଅଞ୍ଚଳର ଚାଷୀମାନେ ଉପସ୍ଥିତ ଥିଲେ।

# ଇଣ୍ଡ୍ ବରାତ ପ୍ରକଳ୍ପରେ ଅଗ୍ନିକାଣ୍ଡ



ଅଗ୍ନିଶମ କର୍ମଚାରୀମାନେ ପ୍ରକଳ୍ପ ପରିସରରେ ନିଆଁ ଲିଭାଉଛନ୍ତି ।

## ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ିଗଲା

**ଝାରସୁଗୁଡା ଅଫିସ୍,୭।୩**

ଝାରସୁଗୁଡା ଜିଲା ଲଖନପୁର ବ୍ଲକ ସାହଜବାହାଲ ସ୍ଥିତ ଇଣ୍ଡ୍ ବରାତ ପ୍ରକଳ୍ପରେ ରବିବାର ମଧାହ୍ନ ୧୨ଟାରେ ନିଆଁ ଲାଗି ବ୍ୟାପକ କ୍ଷୟକ୍ଷତି ହୋଇଛି। ଖବର ପାଇ ଇବ୍ ଥର୍ମାଲ, ଲଖନପୁର, ରେଙ୍ଗାଲି ଓ ବେଦାନ୍ତ କମ୍ପାନୀର ଅଗ୍ନିଶମ ଗାଡି ଘଟଣାସ୍ଥଳରେ ପହଞ୍ଚି ୫ ଘଣ୍ଟା ପରେ ନିଆଁକୁ ଆୟତ୍ତ କରିଥିଲେ। ଏଥିମଧ୍ୟରେ କ୍ରଶର ହାଉସରେ ନିଆଁ ଲାଗି କନ୍‌ଭୟେର ବେଲ୍ଟ ଓ ଅନ୍ୟାନ୍ୟ ଯନ୍ତ୍ରପାତି ପୋଡିଯାଇଛି। ଏହାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ଜଣାପଡିଛି। ଦୀର୍ଘବର୍ଷ ହେଲା ପ୍ରକଳ୍ପ ଅଚଳାବସ୍ଥାରେ ପଡିରହିଛି। ଏହି ପ୍ରକଳ୍ପ ପରିସର ସଫାସୁତୁରା ହେଉନାହିଁ। ଫଳରେ ବ୍ୟାପକ ଘାସ ହୋଇଛି। ଏ ନେଇ ପ୍ରକଳ୍ପ ତଦାରଖ ଦାୟିତ୍ୱରେ ଥିବା ସୁମେଧା ମ୍ୟାନେଜମେଣ୍ଟର ଅଧିକାରୀ ପୁଲକ କୁଣ୍ଡୁ କହିଛନ୍ତି, ପ୍ରକଳ୍ପରେ ନିଆଁ କେମିତି ଲାଗିଲା ଏବଂ କେତେ କ୍ଷୟକ୍ଷତି ହୋଇଛି ବର୍ତ୍ତମାନ ଏହା କହିବା ସମ୍ଭବପର ନୁହେଁ। ଏହାର ତଦନ୍ତ କରି ଟେକ୍ନିକାଲ୍ ଲୋକ କହିପାରିବେ ବୋଲି ସେ କହଛନ୍ତି । ସୂଚନାଯୋଗ୍ୟ, ପ୍ରକଳ୍ପ ନିର୍ମାଣ ପରେ ମାଲିକଙ୍କ ଦେବାଳିଆ ପାଇଁ ପ୍ରକଳ୍ପ କାର୍ଯ୍ୟକ୍ଷମ ନ ହୋଇ ଦୀର୍ଘବର୍ଷ ହେଲା ଅଚଳ ଅବସ୍ଥାରେ ପଡିରହିଛି । ଏହାକୁ ଏବେ ଏନ୍‌ସିଏଲ୍‌ଟି ନିଜ ଅଧୀନକୁ ନେବା ପରେ ସୁମେଧା ମ୍ୟାନେଜମେଣ୍ଟ ସଲ୍ୟୁଶନ ଏହାର ତଦାରଖ ଦାୟିତ୍ୱରେ ରହିଛି ।

# ଚାନ୍ଦଲି ପାହାଡ଼ ପରିଦର୍ଶନ କଲେ ଡିଏଫ୍‌ଓ



ଦେଷଣ୍ଡ ଚାନ୍ଦଲି ପାହାଡ଼କୁ ଜିଲା ବନ ଅଧିକାରୀ ସମୀର ରଞ୍ଜନ ଶତପଥୀ ପରିଦର୍ଶନ କରୁଛନ୍ତି ।

## କ୍ଷେତ୍ରର ବିକାଶ ପାଇଁ ରିପୋର୍ଟ କରିବାକୁ ଦେଲେ ପ୍ରତିଶ୍ରୁତି

**ଦେଓଗାଁ, ୭।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଦେଷଣ୍ଡ ପଞ୍ଚାୟତ ନିକଟ ଚାନ୍ଦଲି ପାହାଡ ଓ ଭୀମକଟାକୁ ଜିଲା ବନ ଅଧିକାରୀ(ଡିଏଫଓ) ସମୀର ରଞ୍ଜନ ଶତପଥୀ ରବିବାର ପରିଦର୍ଶନ କରିଛନ୍ତି। ପରିଦର୍ଶନ କାଳରେ ସେ ପାହାଡ ଉପରେ ଥିବା ଐତିହାସିକ କଳାକୃତି, ଶିଳାଲିପି ଗୁମ୍ଫା ଏବଂ ଅନ୍ୟାନ୍ୟ ବିଷୟରେ ଅବଗତ ହୋଇଥିଲେ। ଏହାର ବିକାଶ ପାଇଁ ଏକ ରିପୋର୍ଟ ସରକାରଙ୍କୁ ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।

ଉକ୍ତ ପାହାଡ ଉପରେ ୧୨ଫୁଟ ପାଣିର ସୀତାକୁଣ୍ଡ, ବର୍ଷସାରା ପତ୍ର ସବୁଜ ରହୁଥିବା ଗୋଟିଏ ଫୁଟ ଉଚ୍ଚତାର ବଟବୃକ୍ଷ ଦୂରଦୂରାନ୍ତରୁ ଆସୁଥିବା ମାନସିକଧାରୀଙ୍କ ମନସ୍କାମନା ପୂରଣ କରୁଥିବା ବିଶ୍ୱାସ ରହିଛି। ଏହାସହ ୮ଶହ ଶତାବ୍ଦୀର ଅନେକ ପଥର ଖୋଦିତ ଶିଳାଲିପି ଏହି ପାହାଡରେ ରହିଛି । ପଥରରେ ସପ୍ତଫେଣି ନାଗ, ଭୀମଖୋଜ ସମେତ ୩୦ଟି ପ୍ରାକୃତିକ ଗୁମ୍ଫା ମଧ ସେଠାରେ ରହିଛି। ପାହାଡ ଚତୁଃପାର୍ଶ୍ୱରେ ଜରାକୁନ୍ଦ (ଜରାସନ୍ଧ ପାହାଡ) ଚାନ୍ଦଲି ପାହାଡର ସୌନ୍ଦର୍ଯ୍ୟକୁ ଆହୁରି ଦ୍ୱିଗୁଣିତ କରୁଛି। ଜନମତ ଅନୁସାରେ ଅଜ୍ଞାତବାସ ସମୟରେ ଏହି ପାହାଡରେ କିଛି ଦିନ ପାଣ୍ଡବମାନେ ଅବସ୍ଥାନ କରିଥିଲେ । ସେହି ସମୟର ସମସ୍ତ ଶିଳାଲିପି, କିଛି ପ୍ରତିମୂର୍ତ୍ତି ଆଜି ମଧ୍ୟ ପ୍ରତୀୟମାନ ହେଉଛି। ନିକଟରେ ୭୨ଏକର ପରିମିତ ଜମିରେ ଏକ ଭୀମକଟା ରହିଛି । ଡିଏଫଓଙ୍କ ପରିଦର୍ଶନ କାଳରେ ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ଲକ୍ଷ୍ମଣ କୁମାର ମେହେର, ବ୍ଲକ ବିଜେଡି ଯୁବ ସଭାପତି ଶୈଳେନ୍ଦ୍ର କୁମାର ସାହୁ, ଗ୍ରାମ୍ୟ କମିଟି ସଭାପତି ନୀଳମଣି ପାଣିଗ୍ରାହୀ, କୋଷାଧକ୍ଷ ସ୍ୱୟମ୍ବର ମେହେର, ଇନ୍ଦ୍ରଜିତ ରାଉତ, ଘାସିରାମ ରଣା, ଦୀନବନ୍ଧୁ ମେହେର, ବିଦ୍ୟାଧର ନାଏକ, ବନମାଳୀ ମେହେର, ଡମନ ବେହେରା, ପିଙ୍କୁ ଷଡଙ୍ଗୀ, ସ୍ଥାନୀୟ ସରପଞ୍ଚ ପ୍ରଭାସ ଭୋଇ, ରାମଚନ୍ଦ୍ରପୁର ସରପଞ୍ଚ ଗୌର ଚନ୍ଦନ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ପ୍ରକାଶଥାଉକି ଚାନ୍ଦଲି ପାହାଡକୁ ପର୍ଯ୍ୟଟନସ୍ଥଳର ମାନ୍ୟତା ପ୍ରଦାନ କରିବା ପାଇଁ ରାଜ୍ୟ ସରକାରଙ୍କ ପତ୍ରସଂଖ୍ୟା ୫୮୬ /ତା ୧୯।୧୨।୨୦୨୧ରିଖରେ ପର୍ଯ୍ୟଟନ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ସଚିନ ଆର. ଯାଦବ ଜିଲା ପ୍ରଶାସନକୁ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ପରେ ପିଡି ଡିଆରଡିଏ ମହେଶ୍ୱର ସ୍ୱାଇଁ ପରିଦର୍ଶନ କରିଥିଲେ।

# ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ଅମରପାଲି, ୭।୩ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବସ୍‌ଷ୍ଟାଣ୍ଡଠାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ରବିବାର ଉନ୍ମୋଚିତ ହୋଇଯାଇଛି। ବାଣିଜ୍ୟ ପରିବହନ ଏବଂ ଯୋଜନା ସଂଯୋଜନ ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟଅତିଥିଭାବେ ଯୋଗଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ସୁବର୍ଣ୍ଣପୁର ଜିଲା ବିଜେଡି ପ୍ରଭାରୀ ଆୟୁବ ଖାଁ, ବିନିକା ବ୍ଲକ ଅଧକ୍ଷ ଅଶୋକ ନନ୍ଦ, ପୂର୍ବତନ ବ୍ଲକ ଅଧକ୍ଷ ରଞ୍ଜିତ ରଥ, ନାରାୟଣ ଲୁହା ପ୍ରମୁଖ ଉପସ୍ଥିତ ଥିଲେ।



ପରେ ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ସଭାରେ ମନ୍ତ୍ରୀ ପଦ୍ମନାଭ ବେହେରା ତାଙ୍କ ବକ୍ତବ୍ୟରେ ଖୁବ୍‌ଶୀଘ୍ର ବୀରମହାରାଜପୁରକୁ ଏନଏସି ଘୋଷଣା କରାଯିବ ବୋଲି କହିଥିଲେ। ବ୍ଲକ ବିଜେଡି ସଭାପତି ମୃତ୍ୟୁଞ୍ଜୟ ପ୍ରଧାନ, ଅଶୋକ ନନ୍ଦ, ଉଲୁଣ୍ଡା ବ୍ଲକ ଉପାଧକ୍ଷ ଅଶୋକ ପଣ୍ଡା, ବିନିକା ନଗର ବିଜେଡି ସଭାପତି ସୋମନାଥ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଓଡିଶା ମୋ ପରିବାର ଆନୁକୂଲ୍ୟରେ ବ୍ଲକ ଯୁବ ଓ ଛାତ୍ର ବିଜେଡି ଦ୍ୱାରା ଏକ ରକ୍ତଦାନ ଶିବିର ହୋଇଥିଲା। ଏଥିରେ ୪୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।

# ଯୁବକଙ୍କ ଗଳିତ ମୃତଦେହ ଜବତ

**ଭଟଲି, ୭।୩(ଡି.ଏନ.ଏ)**

ବରଗଡ଼ ଜିଲା ବୁଢ଼ାରଜା ସଂରକ୍ଷିତ ଜଙ୍ଗଲର ପଣ୍ଡରିତରେଇ ନିକଟରେ ଏକ ଗଛରୁ ଜଣେ ଯୁବକଙ୍କ ଗଳିତ ମୃତଦେହକୁ ରବିବାର ଭଟଲି ପୋଲିସ ଜବତ କରିଛି। ମୃତକଙ୍କ ପରିଚୟ ମିଳିପାରିନାହିଁ। ତାଙ୍କର ଆନୁମାନିକ ବୟସ ୩୫ରୁ ୪୦ବର୍ଷ ହେବ। ସେ ଏକ ହାପପ୍ୟାଣ୍ଟ ପିନ୍ଧିଛନ୍ତି। ଏ ନେଇ ଭଟଲି ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୨/୨୧) ରୁଜୁ କରି ବ୍ୟବଚ୍ଛେଦ ପାଇଁ ମୃତଦେହକୁ ବରଗଡ଼ ଡାକ୍ତରଖାନା ପଠାଇଛି। ପ୍ରକାଶ ଯେ, ବନ କର୍ମଚାରୀମାନେ ଜଙ୍ଗଲରେ କାର୍ଯ୍ୟ କରୁଥିବାବେଳେ ମୃତଦେହ ଦେଖିଥିଲେ। ସୂଚନା ପାଇ ପୋଲିସ ସେଠାକୁ ପହଞ୍ଚି ମୃତଦେହ ଜବତ କରିଥିଲା। ତେବେ ମୃତ ଯୁବକ ଆତ୍ମହତ୍ୟା କରିଛନ୍ତି ନା ତାକୁ ହତ୍ୟା କରାଯାଇ ସେଠାରେ ମୃତଦେହକୁ ଝୁଲାଇ ଦିଆଯାଇଛି, ତାହା ଜଣାପଡ଼ିନାହିଁ। ପୋଲିସ ଏ ନେଇ ତଦନ୍ତ କରୁଛି ।

# ଟୋକନ ମିଳିଛି, ଧାନ ନେଉନି ଯୋଗାଣ ବିଭାଗ

**ବୌଦ୍ଧ,୭।୩(ସ୍ୱ.ପ୍ର.)**

ବୌଦ୍ଧ ଏକ କୃଷିପ୍ରଧାନ ଜିଲା । ଜିଲାର ଅଧିକାଂଶ ଲୋକ ଧାନ ଚାଷ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରିଥାନ୍ତି । କିନ୍ତୁ ଅନେକ ଚାଷୀଙ୍କୁ ଟୋକନ ମିଳିଥିଲେ ହେଁ ଯୋଗାଣ ବିଭାଗ ଧାନ କିଣୁ ନ ଥିବାରୁ ଚାଷୀ ଅସନ୍ତୋଷ ଲାଗି ରହିଛି । ଏହାର ପ୍ରତିବାଦରେ ସୋମବାର ବୌଦ୍ଧ ଯୋଗାଣ ବିଭାଗ କାର୍ଯ୍ୟାଳୟ ଆଗରେ ଚାଷୀମାନେ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି। ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର କୁଶଙ୍ଗ ସେବା ସମବାୟ ସମିତିରେ ଦୀର୍ଘ ୧୫ ଦିନ ହେବ ୨୦ରୁ ଉର୍ଦ୍ଧ୍ୱ ଟୋକନ ପାଇଥିବା ଚାଷୀ ଧାନ ବିକ୍ରି କରିବାକୁ ରଖିଛନ୍ତି । ଆସନ୍ତା ୧୦ ତାରିଖରେ ଟୋକନଗୁଡିକର ଅବଧି ଶେଷ ହେବାକୁ ବସିଥିବା ବେଳେ ଜିଲା ଯୋଗାଣ ବିଭାଗ ଧାନ ନେଉ ନ ଥିବାରୁ ଚାଷୀଙ୍କ ଚିନ୍ତା ବଢିଛି । ସମିତି ଆଗରେ ଧାନ ରଖି ଚାଷୀମାନେ ଜଗି ରହିଛନ୍ତି । ଏନେଇ ବୌଦ୍ଧ ଜିଲା ଯୋଗାଣ ଅଧିକାରୀ ବିଭୁ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ପଚାରିବାରେ ଗତବର୍ଷ ଅପେକ୍ଷା ଏବର୍ଷ ଅଧିକ ଧାନ କିଣା ହେଲାଣି । ଯେଉଁମାନେ ଟୋକନ ପାଇଛନ୍ତି ସେମାନଙ୍କ ଧାନ ପର୍ଯ୍ୟାୟ କ୍ରମେ କିଣା ହେବ ବୋଲି କହିଥିଲେ ।



କୁଶଙ୍ଗ ସେବା ସମବାୟ ସମିତିରେ ବିକ୍ରି ପାଇଁ ଥିବା ଧାନ ବସ୍ତା ।

## ଶିକ୍ଷାର ଆଲୋକରେ ଆଲୋକିତ କରିବାର ଇଚ୍ଛା

# ଭିନ୍ନ ଏକ ପ୍ରେରଣା: ଦିବ୍ୟାଙ୍ଗ ରଶ୍ମିତା

**ବଲାଙ୍ଗୀର ଅଫିସ, ୭।୩**



ରଶ୍ମିତା ଜେନା

ବଲାଙ୍ଗୀର ସହର ବରପାଲିପଡ଼ା ପ୍ରଥମ ଗଳିରେ ଭିନ୍ନକ୍ଷମ ମେଧାବୀ ଛାତ୍ରୀ ରଶ୍ମିତା ଜେନାଙ୍କ ଘର। ଜନ୍ମରୁ ତାଙ୍କୁ ଭଲ ଭାବେ ଦେଖାଯାଏ ନାହିଁ। ତାଙ୍କର ୭୫ ପ୍ରତିଶତ ଦୃଷ୍ଟି ଭିନ୍ନକ୍ଷମତା ରହିଛି। ହେଲେ ସେ କେବେ ହାର ମାନିନାହାନ୍ତି। ବଲାଙ୍ଗୀର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ୍ ପାସ୍ କରିବା ପରେ ସରକାରୀ ମହିଳା କଲେଜରେ ଯୁକ୍ତ୨ ଓ ରାଜେନ୍ଦ୍ର କଲେଜରେ ଯୁକ୍ତ୩ ପାଠ ପଢ଼ିଲେ । ଏହାପରେ ଜିଲା ଶିକ୍ଷା ତାଲିମ ଅନୁଷ୍ଠାନ (ଡିଆଇଇଟି)ରେ ଦୁଇବର୍ଷ ଶିକ୍ଷା ତାଲିମ ଗ୍ରହଣ କରିଛନ୍ତି। ନିଜ ଆଖିରେ ବହୁ କଷ୍ଟରେ ଆଲୁଅ ଦେଖି କଠୋର ପରିଶ୍ରମ କରି ପାଠ ପଢ଼ିଥିବା ରଶ୍ମିତା ଆଗକୁ ଶିକ୍ଷୟିତ୍ରୀ ହୋଇ ଶିକ୍ଷାର ଆଲୋକରେ ସମାଜକୁ ଆଲୋକିତ କରିବାର ଲକ୍ଷ୍ୟ ରଖିଛନ୍ତି। ପୂର୍ବରୁ ଜଟଣୀରେ ଥିବା ସ୍ୱତନ୍ତ୍ର ଭିନ୍ନକ୍ଷମ ଶିକ୍ଷାନୁଷ୍ଠାନରେ ଏକ ବର୍ଷିଆ କମ୍ପ୍ୟୁଟର କୋର୍ସ ମଧ କରିଛନ୍ତି। ୨୦୧୬ ମସିହାରେ ଭିନ୍ନକ୍ଷମ ମିସ୍ ପ୍ରିନ୍‌ସେସ୍ ପ୍ରତିଯୋଗିତାରେ ଓଡ଼ିଶା ତରଫରୁ ପ୍ରତିନିଧିତ୍ୱ କରି ମୁମ୍ବାଇଠାରେ ଯୋଗଦେଇ ସେମିଫାଇନାଲ ରାଉଣ୍ଡକୁ ଉନ୍ନୀତ ହୋଇଥିଲେ । ଭିନ୍ନକ୍ଷମ ହେଲେ ମଧ ସବୁ କାମ କରିବାର ଅଦମ୍ୟ ଉତ୍ସାହ ଓ ନିଷ୍ଠା ଭରିରହିଛି ରଶ୍ମିତାଙ୍କ ପାଖରେ। ବାପା ଅଞ୍ଜନ କୁମାର ଜେନା ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ । ହାଇ ବ୍ଲଡ୍‌ପ୍ରେସର୍ କାରଣରୁ ତାଙ୍କର ଦୃଷ୍ଟିଶକ୍ତି ଚାଲିଯିବା ପରେ ସେ ଘରେ ଅଛନ୍ତି। ମା' ବିଳାସିନୀ ଜଣେ ସୁଗୃହିଣୀ । ଏକମାତ୍ର ଭାଇ ରୋହନ୍ ଦୋକାନରେ କାମ କରନ୍ତି । ଭିନ୍ନକ୍ଷମ ହେଲେ ମଧ ମାତାପିତାଙ୍କୁ କେବେ ବି ଭିନ୍ନକ୍ଷମତାର ଅନୁଭବ ଦେଇନାହାନ୍ତି ରଶ୍ମିତା । ବରଂ ସବୁବେଳେ ତାଙ୍କର ମନୋବଳ ବଢ଼ାଇଛନ୍ତି। ଶିକ୍ଷୟିତ୍ରୀ ଭାବେ ଛାତ୍ରୀଛାତ୍ରଙ୍କୁ ସୁଶିକ୍ଷିତ କରି ସାମର୍ଥ୍ୟ କରିବାର ତାଙ୍କ ଇଚ୍ଛା ରହିଛି। ଏବେ ସେ ଏକ ଘରୋଇ ସ୍କୁଲରେ ପାଠ ପଢ଼ାଉଛନ୍ତି। ଡିଆଇଇଟି ପରୀକ୍ଷାଫଳ ପ୍ରକାଶ ପାଇବା ପରେ ସରକାରୀ ନିଯୁକ୍ତି ପାଇବା ଆଶା ରଖିଛନ୍ତି। ଜଣେ ଭିନ୍ନକ୍ଷମ ଛାତ୍ରୀ ହେଲେ ମଧ ଅନ୍ୟକୁ ସାମର୍ଥ୍ୟ କରିବାରେ ରଶ୍ମିତାଙ୍କ ଯେଉଁ ନିଷ୍ଠା ଓ ସମର୍ପଣ ଅନ୍ୟମାନଙ୍କୁ ନିଶ୍ଚିତ ପ୍ରେରଣା ଯୋଗାଇବ । ଭିନ୍ନକ୍ଷମ ଉପକରଣ ବଣ୍ଟନ ଶିବିରରେ ଶନିବାର ରଶ୍ମିତାଙ୍କୁ ଏକ ଟାବ୍‌ଲେଟ ପ୍ରଦାନ କରି ସ୍ଥାନୀୟ ବିଧାୟକ ନରସିଂହ ମିଶ୍ର ତାଙ୍କର ଭୂରି ପ୍ରଶଂସା କରିବା ସହ ଅନ୍ୟମାନଙ୍କ ପାଇଁ ରଶ୍ମିତା ପ୍ରେରଣାର ଉତ୍ସ ବୋଲି କହିଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୮ ମାର୍ଚ୍ଚ, ୨୦୨୧



## ଯୁବକଙ୍କ ମୃତଦେହ ଜବତ

ବାଉଁଶୁଣୀ,(ଡି.ଏନ.ଏ): ବୌଦ୍ଧ ଜିଲା ମନମୁଣ୍ଡା ଥାନା ଅଧୀନ ବାରଡୋଲା ଗାଁ ମୁଣ୍ଡରୁ ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ତାଙ୍କ ପରିଚୟ ଜଣାପଡିନାହିଁ। ମିଳିଥିବା ସୂଚନା ଅନୁଯାୟୀ, ଶୁଣ୍ଢିପଦର ପଞ୍ଚାୟତ ବାରଡୋଲା ରାସ୍ତା ପାର୍ଶ୍ୱରେ ଜଣେ ଯୁବକଙ୍କ ମୃତଦେହ ଓ ଏକ ସାଇକେଲ ପଡିଥିବା ଗାଁ ଲୋକେ ସକାଳେ ଦେଖି ପୋଲିସକୁ ଖବର ଦେଇଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଜାରି ରଖିଛି । ଯୁବକଙ୍କୁ ପଥରରେ ଛେଚି ହତ୍ୟା କରାଯାଇଥିବା ପୋଲିସ ସନ୍ଦେହ କରୁଛି ।

# ପେଟ୍ରୋଲ ପାଇଁ ୨୨ କିଲୋମିଟର

ମୁରିବାହାଲ, ୭।୩(ଡି.ଏନ.ଏ.)

- ମୁରିବାହାଲ ବ୍ଲକରେ ନାହିଁ ପେଟ୍ରୋଲ ପମ୍ପ
- ଖୋଲା ବଜାରରୁ ଗ୍ରାହକ କିଣୁଛନ୍ତି ଅପମିଶ୍ରିତ ତେଲ
- ଲିଟର ପିଛା ୧୨୦ରୁ ୧୫୦

ଦୈନନ୍ଦିନ ଜୀବନରେ ଗାଡିମୋଟରର ବ୍ୟବହାର ଆଶାତୀତ ଭାବେ ବୃଦ୍ଧି ପାଇଛି। ଏଥିପାଇଁ ପେଟ୍ରୋଲ ଓ ଡିଜେଲ ବହୁଳ ଭାବରେ ବ୍ୟବହୃତ ହେଉଛି। ହେଲେ ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକରେ କୌଣସି ତୈଳ କମ୍ପାନୀର ଡିପୋ(ପମ୍ପ) ନାହିଁ। ଲୋକେ ପେଟ୍ରୋଲ ଓ ଡିଜେଲ ପାଇଁ ୨୦କି.ମି. ଦୂର କଣ୍ଟାବାଞ୍ଜି, ୨୨କିମି ଦୂର ଟିଟିଲାଗଡ ଅଥବା ୧୪କିମି ଦୂର ବଙ୍ଗୋମୁଣ୍ଡାଠାରେ ଥିବା ପେଟ୍ରୋଲ ପମ୍ପ ଉପରେ ନିର୍ଭର କରୁଛନ୍ତି। ଏଥିପାଇଁ ସେମାନଙ୍କୁ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡୁଛି। ପେଟ୍ରୋଲ ପମ୍ପ ନ ଥିବାରୁ ବାହାରୁ ତେଲ ଆଣି ଅନେକେ ଖୋଲାରେ ୧୨୦ରୁ ୧୫୦ଟଙ୍କା ଯାଏ ଦରରେ ବିକ୍ରି କରୁଛନ୍ତି। କାହାର ଅଙ୍କୁଶ ନ ଥିବାରୁ ଅପମିଶ୍ରଣ ବି ହେଉଛି। ଏହି ଅପମିଶ୍ରିତ ତେଲକୁ ଲୋକେ ଗାଡିରେ ବ୍ୟବହାର କରି ଶୋଷଣର ଶିକାର ହେବା ସହ ଗାଡି ବି ଖରାପ ହେଉଛି।

୨୨ ଗ୍ରାମପଞ୍ଚାୟତକୁ ନେଇ ଗଠିତ ମୁରିବାହାଲ ବ୍ଲକରେ କେନ୍ଦ୍ର, ରାଜ୍ୟ ସରକାରଙ୍କ ବହୁ ଅଫିସ ସାଙ୍ଗକୁ ରେଲୱେ ଷ୍ଟେଶନ ବି ରହିଛି । ପ୍ରତ୍ୟେକ ଦିନ ଶହଶହ ଜନସାଧାରଣ ମୁରିବାହାଲ ଆସିଥାନ୍ତି। ମୁରିବାହାଲ ବ୍ଲକ ଦେଇ ଜାତୀୟ ରାଜପଥ ୫୯ ପ୍ରାୟ ୩୧ କିମି ଓ ରାଜ୍ୟ ରାଜପଥ ୩୫ କିମି ଯାଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରତି ବ୍ଲକ ମୁଖ୍ୟ କାର୍ଯ୍ୟାଳୟ ଓ ଜାତୀୟ ରାଜପଥର ପ୍ରତି ୧୦କିମିରେ ଏକ ପେଟ୍ରୋଲ, ଡିଜେଲ ପମ୍ପ ସ୍ଥାପନ ବ୍ୟବସ୍ଥା ଥିବାବେଳେ ଏଠାରେ ତାହାର ବ୍ୟତିକ୍ରମ ଦେଖାଦେଇଛି। ମୁରିବାହାଲରେ ଏକ ପେଟ୍ରୋଲ ପମ୍ପ ଖୋଲିବା ପାଇଁ ଇଣ୍ଡିଆନ ଅଏଲ୍ ପକ୍ଷରୁ ୨୬ ଜୁନ୍, ୨୦୧୪ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହା ଏସ୍‌ସି ବର୍ଗ ପାଇଁ ସଂରକ୍ଷିତ ଥିଲା। ଦୁଇଜଣ ଆବେଦନ କରିଥିଲେ। ହେଲେ ବିଭିନ୍ନ କାରଣରୁ ତାହା ଅବଧି ପର୍ଯ୍ୟନ୍ତ ସ୍ଥାପନ ହୋଇପାରିନାହିଁ ।

**ସେମାନେ ଯାହା କହନ୍ତି....**



“ମୁରିବାହାଲରେ ଯାନବାହନ ଚଳାଚଳ ଅନ୍ୟ ଅଞ୍ଚଳଠାରୁ କିଛି କମ୍ ନୁହେଁ। ହେଲେ ପେଟ୍ରୋଲ ପମ୍ପ ନ ଥିବାରୁ ଲୋକେ ଅତିକମ୍‌ରେ ୨୦କିମି ଦୂରତ୍ୱ ଯିବାକୁ ପଡୁଛି। ଅଏଲ୍ କର୍ପୋରେଶନ ଏଥିପ୍ରତି ଧ୍ୟାନ ଦେଇ ନୂତନ ପମ୍ପ ସ୍ଥାପନ ବ୍ୟବସ୍ଥା କରିବା ଜରୁରୀ ହୋଇପଡିଛି।

**ହଂସରାଜ ଜୈନ, ଅଧ୍ୟକ୍ଷ, ପଞ୍ଚାୟତ ସମିତି, ମୁରିବାହାଲ**



“ମୁରିବାହାଲ ବ୍ଲକ ଅଞ୍ଚଳରେ ପେଟ୍ରୋଲଜାତ ଦ୍ରବ୍ୟର ବହୁଳ ବ୍ୟବହାର ହେଉଛି। ହେଲେ ଏଠାରେ ପେଟ୍ରୋଲ ଡିପୋ ସ୍ଥାପନ ହୋଇ ନ ପାରିବା ଦୁଃଖଦାୟକ ଘଟଣା। ଅବିଳମ୍ବେ ପେଟ୍ରୋଲ, ଡିଜେଲ ଡିପୋ ଖୋଲିବା ଆବଶ୍ୟକ।

**ଜୟଦେବ ପୁରୋହିତ, ସଭାପତି, ଓକିଲ ସଂଘ, ମୁରିବାହାଲ**



“ଜିଲାର ସବୁ ବ୍ଲକରେ ପେଟ୍ରୋଲ ଡିପୋ ରହିଛି। ଲୋକେ ସହଜରେ ଯାନବାହନରେ ତେଲ ପକାଇ ପାରୁଛନ୍ତି। ହେଲେ ଆମେ ଏଠାରେ ବଡ କଷ୍ଟରେ କାମ ଚଳାଉଛୁ। ଅବିଳମ୍ବେ ପେଟ୍ରୋଲ ପମ୍ପ ସ୍ଥାପନ ଦିଗରେ ପଦକ୍ଷେପ ନେବା କଥା।

**ବନବିହାରୀ ଯୋଷୀ, ସଭାପତି, ବଣିକ ସଂଘ, ମୁରିବାହାଲ**

## ସଂକ୍ଷେପରେ

### ଜମିରେ ନିଆଁ ଲଗାଇ ନିଜେ ଜଳିଗଲେ ବୃଦ୍ଧ

**ନୂଆପଡା ଅଫିସ, ୭।୩ :** ନିଜ ଜମିରେ ନିଆଁ ଲଗାଇ ନିଜେ ବୃଦ୍ଧ ଜଳିଗଲେ। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ନୂଆପଡ଼ା ଜିଲା ସିନାପାଲି ମହାଜନପଡାରେ। ମୃତକ ଜଣକ ମହାଜନପଡାର ନୀଳାମ୍ବର ମେହେର (୫୫)। ଘଟଣାସ୍ଥଳରୁ ସିନାପାଲି ପୋଲିସ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର କରିଛି। ରବିବାର ନଡା ପୋଡିବା ପାଇଁ ନିଜ ଜମିରେ ନିଆଁ ଲଗାଇବା ବେଳେ ହଠାତ୍ ତାଙ୍କ ଦେହରେ ନିଆଁ ଲାଗିଯାଇଥିଲା। ଖବର ପାଇ ସିନାପାଲି ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ସେହି ସମୟ ମଧ୍ୟରେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନା ଯେ, ନୀଳାମ୍ବରଙ୍କ ବଡଭାଇ ଜଣେ ପକ୍ଷାଘାତ ରୋଗୀ । ଗତବର୍ଷ ଶୀତ ଦିନେ ରାତିରେ ପାଖରେ ନିଆଁ ଜଳାଇ ଖଟରେ ଶୋଇଥିବା ବେଳେ ହଠାତ୍ ନିଆଁ ଲାଗି ଖଟ ସହିତ ଜଳି ଯାଇଥିଲେ ।

### ସୁପର ଜିମ୍ନାସିୟମ, ବ୍ଲୁ ଡାଇମଣ୍ଡ ବିଜୟୀ

**ବରଗଡ଼ ଅଫିସ୍,୭।୩:** ବରଗଡ଼ ଜିଲା ସୋହେଲା ମିନି ଷ୍ଟାଡ଼ିୟମରେ ଚାଲିଥିବା ମାରିଓ ମେଲେଟା ମେମୋରିଆଲ ଜିଲା ନକ୍ ଆଉଟ୍ କ୍ରିକେଟ ପ୍ରତିଯୋଗିତାର ରବିବାର ଅନୁଷ୍ଠିତ ମ୍ୟାଚ୍‌ରେ ବରଗଡ଼ର ସୁପର ଜିମ୍ନାସିୟମ ଏବଂ ବ୍ଲୁ ଡାଇମଣ୍ଡ ପ୍ରତିପକ୍ଷକୁ ହରାଇ ସେମି ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ସୁପର ଜିମ୍ନାସିୟମ ଓ ସୋହେଲା କ୍ରିକେଟ ଆସୋସିଏଶନ ମଧ୍ୟରେ ପ୍ରଥମ ମ୍ୟାଚ୍ ହୋଇଥିଲା। ସୁପର ଜିମ୍ନାସିୟମ ଟସ୍ ଜିଣି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା ଏବଂ ୧୧୫ରନ ସଂଗ୍ରହ କରିଥିଲା। ଜବାବ୍‌ରେ ସୋହେଲା ଦଳ ସମସ୍ତ ଉଇକେଟ ହରାଇ ମାତ୍ର ୮୧ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା। ସେହିପରି ବ୍ଲୁ ଡାଇମଣ୍ଡ ଏବଂ ଲରମ୍ବା ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ହୋଇଥିଲା। ବ୍ଲୁ ଡାଇମଣ୍ଡ ଟସ୍ ଜିଣି ୫ଉଇକେଟ ହରାଇ ୨୦୩ରନ ସଂଗ୍ରହ କରିଥିଲା। ଜବାବରେ ଲରମ୍ବା ଦଳ ୫ ଉଇକେଟ୍ ହରାଇ ମାତ୍ର ୧୩୫ରନ ସଂଗ୍ରହ କରିଥିଲା । ପ୍ରଦୀପ ଦାସ, ଶୁଭମ ପାତ୍ର ମ୍ୟାଚ୍ ପରିଚାଳନା କରିଥିବାବେଳେ ସନ୍ତୋଷ ମେହେର ସ୍କୋରର ଥିଲେ ।

### ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ବାର୍ଷିକ ଅଧିବେଶନ

**ବଲାଙ୍ଗୀର ଅଫିସ, ୭।୩:** ବଲାଙ୍ଗୀର ଜିଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ବାର୍ଷିକ ଅଧିବେଶନ ସଂଘ ସଭାପତି ନୀଳମଣି ମିଶ୍ରଙ୍କ ଅଧକ୍ଷତାରେ ସ୍ଥାନୀୟ ଟିକ୍ରାପଡାସ୍ଥିତ ଗାନ୍ଧୀ ପାଠାଗାରଠାରେ ଅନୁଷ୍ଠିତ ହୋଇଥିଲା। ସଭା ପ୍ରାରମ୍ଭରେ ସଂଘର ଦିବଂଗତ ସଭ୍ୟଙ୍କ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ସଭାରେ ସଂଘ ସଭ୍ୟମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା । ବିଶେଷତଃ କେତେକ ସଭ୍ୟଙ୍କ ପେନସନ ପାଉ ନ ଥିବାରୁ ସେଥିପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ପତ୍ରାଳପ କରାଯିବାକୁ ସ୍ଥିର କରାଯାଇଥିଲା। ସଂଘର ଏକ ସ୍ମରଣିକା ପ୍ରକାଶ କରାଯିବାକୁ ଆଲୋଚନା ହୋଇଥିଲା। ସଂଘ ତରଫରୁ ପାଣି ଛତ୍ର ଓ ଗରିବ ମେଧାବୀ ଛାତ୍ରମାନଙ୍କୁ ପୁସ୍ତକ ଆଦି ବଣ୍ଟ କରାଯିବାକୁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା । ସଂଘର ନିଜସ୍ୱ ସଭାଗୃହ ନ ଥିବାରୁ ଜିଲାପାଳଙ୍କୁ ସଂଘ ପାଇଁ ଏକ ପ୍ଲଟ ଦିଆଯିବାକୁ ଅନୁରୋଧ କରାଯିବ। ବରିଷ୍ଠ ନାଗରିକମାନଙ୍କୁ କରୋନା ଟିକା ଦେବା ସମୟରେ ମୁଖ୍ୟ ଚିକିତ୍ସାଳୟରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଏନେଇ ଜିଲାପାଳଙ୍କୁ ସାକ୍ଷାତ କରାଯିବ। ମୁଖ୍ୟଅତିଥି ସଂଘ ପୂର୍ବତନ ସଭାପତି ବିନୋଦ ବିହାରୀ ମିଶ୍ର ଓ ମୁଖ୍ୟବକ୍ତା ଭାବେ ସତ୍ୟବନ୍ତ ବେଦବାକ ସଭାରେ ଯୋଗଦାନ କରିଥିଲେ। ସଂଘ ଉପସଭାପତି ଗୋପବନ୍ଧୁ ପୁରୋହିତ, ପ୍ରସନ୍ନ କୁମାର ମିଶ୍ର, ସମ୍ପାଦକ ରଘୁନାଥ ମିଶ୍ର, ଗୋବିନ୍ଦ ଚନ୍ଦ୍ର ମିଶ୍ର, ବୃନ୍ଦାବନ ବରାଳ, ଗୋପଭୂଷଣ ନାଥ, ପର୍ଶୁରାମ ନାୟକ, ହରେକୃଷ୍ଣ ପଟେଲ, ବୃନ୍ଦାବନ ମିଶ୍ର, ଧର୍ମବ୍ରତ ରଥ ପ୍ରମୁଖ ଉପସ୍ଥିତ ଥିଲେ ।

# ୨୮୪ ଭାଜପା, କଂଗ୍ରେସ କର୍ମୀ ବିଜେଡିରେ ମିଶିଲେ



ବିଜେଡି ମିଶ୍ରଣ ପର୍ବରେ ଉପସ୍ଥିତ ଦଳୀୟ ନେତା ଓ କର୍ମୀ ।

ବେଲପଡା, ୭।୩(ଡି.ଏନ.ଏ.)

ବଲାଙ୍ଗୀର ଜିଲା ପାଟଣାଗଡ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବେଲପଡା ବ୍ଲକ ଡୁଙ୍ଗୁରିପାଲିଠାରେ ବିଜେଡିର ମିଶ୍ରଣ ପର୍ବ ରବିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ଗଣେଶ କୁମ୍ଭାର ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଧାୟକ ସରୋଜ ମେହେର ଯୋଗଦେଇ ରାଜ୍ୟ ସରକାରଙ୍କ ସଫଳତା ବଖାଣିଥିଲେ। ଦଳକୁ ଆହୁରି ମଜଭୁତ କରିବା ପାଇଁ କର୍ମୀମାନେ ସକ୍ରିୟଭାବେ କାମ କରିବାକୁ ସେ ଆହ୍ୱାନ ଦେଇଥିଲେ। ନୁନହାଡ ସରପଞ୍ଚ ଜିତୁ ମେହେର, ପୂର୍ବତନ ସରପଞ୍ଚ ମହେଶ୍ୱର ସାହୁ, ନାରୀନେତ୍ରୀ ସୁଜାତା ମିଶ୍ର, ଅରୁଣ ପାଣିଗ୍ରାହୀ, ଅନନ୍ତ ପାଣିଗ୍ରାହୀ, ବନମାଳୀ ମିଶ୍ର, ନୁନହାଡ ସମିତି ସଭ୍ୟ ପୁରନ୍ଦର ବାଗ, ବନିତା ଖମାରୀ, ରାଜ କୁମାର ପାଣିଗ୍ରାହୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଯୁବନେତା ଦୁର୍ଯ୍ୟୋଧନ କୁମ୍ଭାରଙ୍କ ପରିଚାଳନାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ବ୍ଲକ ଅନ୍ତର୍ଗତ ୨୪ପଞ୍ଚାୟତର ୨୮୪ଜଣ ଭାଜପା ଓ କଂଗ୍ରେସର କର୍ମୀ ଦଳ ଛାଡି ବିଜେଡିରେ ଯୋଗ ଦେଇଥିଲେ।

# କୋଶଲି ଶର୍ଟ ଫିଲ୍ମ ଫଟା ବାଦଲର ଶୁଭ ମହୁରତ



ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ ଶର୍ଟ ଫିଲ୍ମ ଫଟା ବାଦଲର ଶୁଭ ମହୁରତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

ଟିକ୍ରାପଡା, ୭।୩(ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଳା ସ୍ଥିତ ବିବେକାନନ୍ଦ ନାଟ୍ୟ ସଂସଦ ଦ୍ୱାରା ପ୍ରଯୋଜିତ କୋଶଲି ଶର୍ଟ ଫିଲ୍ମ ଫଟା ବାଦଲର ଶୁଭ ମହୁରତ କାର୍ଯ୍ୟକ୍ରମ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ଚଣ୍ଡୀ ମନ୍ଦିରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ସିନେମାର ଶୁଭ ମହୁରତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପରେ ପୂଜା ପାଠ ସହ ସିନେମାର ସୁଟିଂ ଆରମ୍ଭ ହୋଇଥିଲା। ପଶ୍ଚିମ ଓଡିଶାର ଲୋକକଳା, ଲୋକବାଦ୍ୟ, ଲୋକନୃତ୍ୟ, ସଂସ୍କୃତି, ପରମ୍ପରାକୁ ଆଧାର କରି ସିନେମାର କାହାଣୀ ଗତିଶୀଳ ଥିବା ସିନେମାର ନିର୍ଦ୍ଦେଶକ ଅଭିମନ୍ୟୁ ରଣା ପ୍ରକାଶ କରିଛନ୍ତି। ଦାଦନ ପରିବାରଙ୍କ ଦୁଃଖ ଓ ସମସ୍ୟା ସବୁ ଫିଲ୍ମର କାହାଣୀରେ ସ୍ଥାନିତ ହେବା ସହ ଜିଲାର ବିଭିନ୍ନ ସ୍ଥାନରେ ଫିଲ୍ମର ସୁଟିଂ ହେବ ବୋଲି ଜଣା ପଡିଛି।

# ବସ୍ ଟର୍ମିନାଲ କାର୍ଯ୍ୟକ୍ଷମ ପାଇଁ ଦାବିପତ୍ର

ବଲାଙ୍ଗୀର ଅଫିସ, ୭।୩

**ପରିବହନ ମନ୍ତ୍ରୀଙ୍କୁ ଭେଟିଲେ ଘରୋଇ ବସ୍ ମାଲିକ ସଂଘ**

ବଲାଙ୍ଗୀର ସହରରେ ବସ୍ ଟର୍ମିନାଲ କାର୍ଯ୍ୟ ଚାଲିଛି। ନୂଆ ବସ୍ ଟର୍ମିନାଲ କାର୍ଯ୍ୟକ୍ଷମ ହେବା ପୂର୍ବରୁ ବିଭିନ୍ନ ସମସ୍ୟାର ସମାଧାନ ସକାଶେ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ଗୁରୁତ୍ୱାରୋପ କରାଯାଇଛି। ବିଜେଡି ଯୁବନେତା ଅର୍କେଶ ନାରାୟଣ ସିଂଦେଓଙ୍କ ନେତୃତ୍ୱରେ ବଲାଙ୍ଗୀର ଘରୋଇ ବସ୍ ମାଲିକ ସଂଘ କର୍ମକର୍ତ୍ତା ଓ ପ୍ରତିନିଧି ମଣ୍ଡଳୀ ଶନିବାର ଭୁବନେଶ୍ୱରଠାରେ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କୁ ସାକ୍ଷାତ କରି ଏସଂକ୍ରାନ୍ତରେ ଆଲୋଚନା କରିଛନ୍ତି । ସଂଘ ପକ୍ଷରୁ ମନ୍ତ୍ରୀଙ୍କୁ ୯ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା । ଦାବିପତ୍ରରେ ବଲାଙ୍ଗୀର ମ୍ୟୁନିସିପାଲିଟି ଅଞ୍ଚଳରେ ଥିବା ସମସ୍ତ ବସ୍, ଓଡିଶା ରାଜ୍ୟ ପରିବହନ ନିଗମର ସମସ୍ତ ବସ୍‌କୁ ନୂଆ ବସଷ୍ଟାଣ୍ଡକୁ ସ୍ଥାନାନ୍ତର କରାଯିବାକୁ ଦାବି କରାଯାଇଛି। ବସ୍ ମାଲିକ ସଂଘ ସହ କଥାବାର୍ତ୍ତା ପରେ ଘରୋଇ ବସ୍‌ଗୁଡିକ ପାଇଁ ରିହାତି ଷ୍ଟାଣ୍ଡ ଫି ବ୍ୟବସ୍ଥା, ନୂଆ ବସ୍‌ଷ୍ଟାଣ୍ଡରେ ଘରୋଇ ବସ୍ ମାଲିକ ସଂଘ ପାଇଁ ସ୍ୱତନ୍ତ୍ର ଅଫିସ ଓ ବୈଠକ କକ୍ଷ ବ୍ୟବସ୍ଥା, ଯାତ୍ରୀମାନଙ୍କ ସୁରକ୍ଷା ପାଇଁ ବସଷ୍ଟାଣ୍ଡ ଅଞ୍ଚଳରେ ପୋଲିସ ଫାଣ୍ଡି ଖୋଲିବା, ବସଷ୍ଟାଣ୍ଡରେ ଜରୁରୀକାଳୀନ ବସ୍ ଯନ୍ତ୍ରପାତି, ମରାମତି ସେଣ୍ଟର ଓ ୱାଟର ସର୍ଭିସିଂ ବ୍ୟବସ୍ଥା ଉପଲବ୍ଧ କରାଇବା, ପୁରୁଣା ବସ୍‌ଷ୍ଟାଣ୍ଡର ଦୋକାନୀଙ୍କୁ ନୂଆ ବସଷ୍ଟାଣ୍ଡରେ ଥଇଥାନ ଆଦି ଦାବି କରାଯାଇଛି । ଉପରୋକ୍ତ ଦାବିଗୁଡିକ ଶୀଘ୍ର ପୂରଣ କରି ନୂଆ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ କରିବା ପାଇଁ ଦାବି କରାଯାଇଥିଲା । ଘରୋଇ ବସ୍ ମାଲିକ ସଂଘ ସଭାପତି ହେମନ୍ତ କୁମାର ପଣ୍ଡା, ସମ୍ପାଦକ ପ୍ରଦ୍ୟୁତ୍ ମିଶ୍ର ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ମନ୍ତ୍ରୀ ବେହେରାଙ୍କୁ ଯୁବନେତା ସିଂଦେଓ ଘରୋଇ ବସ୍ ମାଲିକ ସଂଘର ଦାବିଗୁଡିକୁ ସହୃଦୟତାର ସହ ବିଚାର କରି କାର୍ଯ୍ୟକ୍ଷମ କରିବାକୁ ଅନୁରୋଧ କରିଥିଲେ । ଏହି ପ୍ରତିନିଧି ଦଳରେ ଘରୋଇ ବସ୍ ମାଲିକ ସଂଘର ଡମ୍ବରୁ ଆଚାର୍ଯ୍ୟ, ହିମାଂଶୁ ନାୟକ, ଭବାନୀ ପଟେଲ, ସଞ୍ଜୀବ ପଣ୍ଡ. ଟିଙ୍କୁ ନନ୍ଦ ଓ ବୁଲୁ ବେହେରା ଉପସ୍ଥିତ ଥିଲେ । ଦାବିପତ୍ର ଉପରେ ଉଚିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମନ୍ତ୍ରୀ ବେହେରା ପ୍ରତିଶ୍ରୁତି ଦେଇଥିଲେ।



ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କୁ ଯୁବନେତା ଅର୍କେଶ ସିଂଦେଓ, ବଲାଙ୍ଗୀର ଘରୋଇ ବସ୍ ମାଲିକ ସଂଘ ପ୍ରତିନିଧି ସାକ୍ଷାତ କରୁଛନ୍ତି ।

## ତରବୋଡ଼ଠାରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର

ନୂଆପଡା ଅଫିସ, ୭।୩

ବିଜୁ ଜୟନ୍ତୀ ଉପଲକ୍ଷେ ରବିବାର ଗୋଡାରଜା ଅହିର ସମାଜ ସଭାଗୃହଠାରେ କଞ୍ଚନବେନ ରସିକଲାଲ ଧୋଲକିଆ ଚାରିଟେବୁଲ ଟ୍ରଷ୍ଟ ଖରିଆରରୋଡ ଓ ଶ୍ରୀ ଜଗନ୍ନାଥ ନେତ୍ରାଳୟ ଭବାନୀପାଟଣାର ମିଳିତ ଆନୁକୂଲ୍ୟରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୬୮୭ ଜଣ ପଞ୍ଜୀକରଣ କରି ଚକ୍ଷୁ ପରୀକ୍ଷା କରିଥିବା ବେଳେ ୨୪୯ଜଣଙ୍କୁ ମାଗଣାରେ ଔଷଧ ଦିଆଯାଇଛି। ୧୮୨ ଜଣଙ୍କୁ ପାୱାର ଚଷମା ଦିଆଯାଇଥିଲା। ୨୩୦ ଜଣଙ୍କୁ ଚକ୍ଷୁ ଅପରେସନ କରିବା ପାଇଁ ଭବାନୀପାଟଣା ଓ ଟିଟିଲାଗଡକୁ ଡାକ୍ତରଖାନାରେ ନିଆଯିବ। ମାର୍ଚ୍ଚ ୧୧ ତାରିଖରେ ୧୧୨ଜଣ ଓ ୧୩ରେ ୧୧୮ ଜଣଙ୍କୁ ଚକ୍ଷୁ ଅପରେସନ କରାଯାଇ ମାଗଣାରେ ଚଷମା, ଔଷଧ ଦିଆଯିବ। ଶ୍ରୀ ଜଗନ୍ନାଥ ନେତ୍ରାଳୟ ଭବାନୀପାଟଣାର ୮ଜଣ ଡାକ୍ତର ଆସି ଚକ୍ଷୁ ଚିକିତ୍ସା କରିଥିଲେ। ଡା. ସତ୍ୟ ପ୍ରକାଶ, ଡା. ବିଭୁତି ଭୂଷଣ ପ୍ରଧାନ, ଡା. ସନ୍ତୋଷ ରାଉତ, ଡା. ହୃଷୀକେଶ ଛତ୍ରିଆ, ଡା. ବଳରାମ ତାଣ୍ଡି, ଡା. କୋଦଣ୍ଡ ବାଗ, ଡା. ଦୀପକ କୁମାର ଦାସ, ଡା. ବଳରାମ ବେହେରା ପ୍ରମୁଖ ଚିକିତ୍ସିତ କରିଥିଲେ। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ନୂଆପଡା ବିଧାୟକ ରାଜେନ୍ଦ୍ର ଢୋଲକିଆ, ରାଜ୍ୟ ବିଜେଡି ଯୁଗ୍ମସମ୍ପାଦକ ଅବନୀ ରଞ୍ଜନ ଯୋଶୀ, ଯୁବ ବିଜେଡି ସଭାପତି ହରିଶ୍ଚନ୍ଦ୍ର ପଣ୍ଡା, ଜିଲା ପରିଷଦ ଉପାଧ୍ୟକ୍ଷ ଭାନୁ ପ୍ରତାପ ସିଂ ମାଝି, ଜିଲା ସାଧାରଣ ସମ୍ପାଦକ କାଳିଆ ପ୍ରଧାନ, ବରିଷ୍ଠ କାର୍ଯ୍ୟକର୍ତ୍ତା ସରୋଜ ସାହୁ (ଭୌରବ), ଗଦାଧର ଗହୀର, ଓ ରୁଖ ନାଏକ ପ୍ରମୁଖ ସହଯୋଗ କରିଥିଲେ।

# ଜିଲାରେ ପୁଣି ବାଘ ଆତଙ୍କ

ନୂଆପଡା ଅଫିସ, ୭।୩

**ଭୟରେ ତାଟିକବାଟ ବନ୍ଦ**

ଜାନୁୟାରୀ ୨୫ ତାରିଖରେ ୨ଟି କଲରାପତରିଆ ବାଘ ବୁଲୁଥିବା କଥା ମନରୁ ଲିଭି ନ ଥିବା ବେଳେ ପୁଣି ଶନିବାର ସନ୍ଧ୍ୟାରେ ଆଉ ଗୋଟିଏ ବାଘ ବୁଲୁଥିବା ଦେଖି ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ଲୋକେ ସନ୍ଧ୍ୟା ହେଲେ ତାଟିକବାଟ ବନ୍ଦ କରି ଦେଉଛନ୍ତି । ଛୋଟ ପିଲାଙ୍କୁ ସାଙ୍ଗରେ ରଖିବା ସହିତ ସାଙ୍ଗରେ ଶୋଆଉଛନ୍ତି । ସୂଚନା ଯେ, ଶନିବାର ସନ୍ଧ୍ୟା ୭ଟାରେ ସଦର ବ୍ଲକ ଖରିଆରରୋଡ ବନାଞ୍ଚଳ ଅଧୀନ ଡୁମେରପାଣି ପଞ୍ଚାୟତ ହଳଦୀ ଗାଁ ନିକଟ ପାହାଡ ଉପରେ ଥିବା ସାରଦା ଦେବୀ ମନ୍ଦିର ନିକଟ ପଥର ଚଟାଣ ଉପରେ ବାଘ ବସିଥିବା ଗାଁ ଲୋକେ ଦେଖିବାକୁ ପାଇଥିଲେ। ଗାଁ ଯୁବକମାନେ କ୍ୟାମେରାରେ ବାଘର ଫଟୋ କଏଦ କରିଥିଲେ। ବାରମ୍ବାର ବାଘ ଗାଁ ନିକଟ ଜଙ୍ଗଲକୁ ଆସୁଥିବାରୁ ଲୋକେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି । ସନ୍ଧ୍ୟା ପୂର୍ବରୁ ଗାଁ ଲୋକେ ଖାଇପିଇ ଘର ତାଟିକବାଟ ବନ୍ଦକରି ପିଲାଛୁଆଁଙ୍କୁ ନିଜ ପାଖରେ ରଖି ଶୋଆଉଛନ୍ତି। ଲୋକଙ୍କ ସୁରକ୍ଷା ପାଇଁ ଗାଁରେ ବହୁ ସଂଖ୍ୟାରେ ବନ କର୍ମଚାରୀ ନିୟୋଜିତ କରି ଲୋକଙ୍କୁ ଦିନରାତି ସୁରକ୍ଷା ଦେବାକୁ ଗ୍ରାମବାସୀ ଜିଲା ପ୍ରଶାସନ ପାଖରେ ଦାବ। କରିଛନ୍ତି। ଏ ସଂକ୍ରାନ୍ତରେ ଖରିଆରରୋଡ ବନାଞ୍ଚଳ ରେଞ୍ଜର ନିରଞ୍ଜନ ମାଝିଙ୍କୁ ପଚାରିବାରୁ ଆମ ପକ୍ଷରୁ ଯେତିକି କରିବା କଥା ଆମେ କରୁଛୁ। ହଳଦୀ ପାହାଡକୁ ଲାଗି ସୁନାବେଡା ଅଭୟାରଣ୍ୟ ରହିଥିବାରୁ ଜୀବଜନ୍ତୁଙ୍କ ଆତଜାତ ଲାଗି ରହିଛି। ଡାକବାଜି ଯନ୍ତ୍ର ସାହାଯ୍ୟରେ ଗାଁ ଗାଁ ବୁଲି ଲୋକଙ୍କୁ ସଚେତନ କରୁଛୁ। ପାହାଡତଳି ଗାଁରେ ଭୟ ରହିଥିବାରୁ ସେହି ଗାଁକୁ ଯାଇ ସଚେତନ କରାଯାଉଛି। ହଳଦୀ ପାହାଡ ଲାଗି ଅନେକଗୁଡିଏ ଗାଁ ରହିଛି। ଗାଁର ସବୁ ସ୍ଥାନରେ କର୍ମଚାରୀମାନଙ୍କୁ ସଜାଗ ରଖି ରାତିରେ ବାହାରକୁ ଏକାକି ନ ଯାଇ ସଙ୍ଗବଦ୍ଧ ଭାବେ ହାତରେ ଠେଙ୍ଗାବାଡି ଧରି ବାହାରକୁ ଯାଆନ୍ତୁ ବୋଲି ପରାମର୍ଶ ଦେଉଛୁ ବୋଲି କହିଛନ୍ତି ।

# ଜନଔଷଧି ଦିବସ ଅବସରରେ ସ୍ୱାସ୍ଥ୍ୟ ପରୀକ୍ଷା

**ସୋନପୁର,୭।୩(ନି.ପ୍ର.):** ଜନଔଷଧି ଦିବସ ପାଳନ ଅବସରରେ ସୋନପୁର ସହର ମଝିପଡାସ୍ଥିତ ଜନଔଷଧି କେନ୍ଦ୍ରରେ ୭୦ଜଣଙ୍କର ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ସହ ବ୍ଲଡ ପ୍ରେସର, ମଧୁମେୟ ପରୀକ୍ଷା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥି ସହିତ ସାନଝିଙ୍କି ସ୍ଥିତ ବୃଦ୍ଧାଶ୍ରମରେ ୨୫ ଅନ୍ତେବାସୀଙ୍କୁ କେନ୍ଦ୍ର ପକ୍ଷରୁ ମାଗଣାରେ ଫଳ, ଓଆରଏସ୍ ଓ ଭିଟାମିନ୍ ବଟିକା ଆଦି ବଣ୍ଟନ କରାଯାଇଥିଲା। ସେହିପରି କେନ୍ଦ୍ର ପକ୍ଷରୁ ପ୍ୟାଲେସ ଗାର୍ଡେନ ସ୍ଥିତ ସ୍ୱଧାର ଗୃହର ଅନ୍ତେବାସୀଙ୍କୁ ସାନିଟାରୀ ପେଡ୍ ବଣ୍ଟନ କରାଯିବା ସହ ସଚେତନ ବାର୍ତ୍ତା ପ୍ରଦାନ କରାଯାଇଥିଲା। ପ୍ରଧାନମନ୍ତ୍ରୀ ଜନ ଔଷଧି କେନ୍ଦ୍ର ମାଧ୍ୟମରେ କମ୍ ମୂଲ୍ୟରେ ସମସ୍ତ ପ୍ରକାର ଉଚ୍ଚମାନର ଔଷଧ ଉପଲବ୍ଧ ହେଉଥିବାରୁ ସମସ୍ତ ବର୍ଗର ଲୋକେ ଉପକୃତ ହେଉଥିବା ଜନଔଷଧି କେନ୍ଦ୍ରର ପରିଚାଳକ ସୁବାସ ଚନ୍ଦ୍ର ପଧାନ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଆଇନଜୀବୀ ଇନ୍ଦ୍ରମଣି ଦାଶ, ବ୍ୟୋମକେଶ ଦାଶ, ରବିନାରାୟଣ ପାଢୀ, ଫାର୍ମାସିଷ୍ଟ ସରୋଜ ପଲେଇ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# କ୍ୟାନ୍‌ସର ନିରୂପଣ ସଚେତନତା କାର୍ଯ୍ୟକ୍ରମ

ଲୋଇସିଂହା, ୭।୩(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ଅଗ୍ରସେନ ଭବନଠାରେ କଟକ ଏଚ୍‌ସିଜି ପଣ୍ଡା କ୍ୟାନ୍‌ସର ହସ୍ପିଟାଲ ଓ ଡିବିରି ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ନିଃଶୁଳ୍କ କ୍ୟାନ୍‌ସର ନିରୂପଣ ଓ ସଚେତନତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ସୁରେଶ ମହାଲିଙ୍ଗଙ୍କ ଅଧ୍ୟକ୍ଷତା ଓ ପଲ୍ଲୀ ଆଲୋକ ପାଠାଗାର ସମ୍ପାଦକ ପ୍ରଶାନ୍ତ ନାୟକଙ୍କ ସଂଯୋଜନାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କ୍ୟାନ୍‌ସର ସର୍ଜନ ଡା.ନୀତୀଶ ରଞ୍ଜନ ଆଚାର୍ଯ୍ୟ, କ୍ୟାନ୍‌ସର ସ୍ପେଶାଲିଷ୍ଟ ଡା. ପି.କେ. ସ୍ୱାଇଁ, ଶଶିଭୂଷଣ ସାମଲ ଅତିଥିଭାବେ ଯୋଗଦେଇଥିଲେ। ତମାଖୁ ସେବନ କ୍ୟାନସରର ପ୍ରମୁଖ କାରଣ। କିନ୍ତୁ ବର୍ତ୍ତମାନ ସମୟରେ ବାୟୁ, ଜଳ ପ୍ରଦୂଷଣ ସାଙ୍ଗକୁ ଅପମିଶ୍ରଣ ଖାଦ୍ୟ ମଧ୍ୟ ଏହାର ଏକ ମାଧ୍ୟମ ପାଲଟିଥିବା ଡା. ଆଚାର୍ଯ୍ୟ କହିଥିଲେ । ରୋଗକୁ ହେଳା ନ କରି ପ୍ରାରମ୍ଭିକ ସମୟରୁ ଏହାର ଚିକିତ୍ସା କଲେ ଆରୋଗ୍ୟ ଲାଭ ମିଳିବ ବୋଲି ସେ କହିଥିଲେ । ସଭାକାର୍ଯ୍ୟ ପରେ ଡା. ଆଚାର୍ଯ୍ୟ ଓ ଡା. ସ୍ୱାଇଁ ଶିବିରରେ ଉପସ୍ଥିତ ରୋଗୀଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରି ପରାମର୍ଶ ଦେଇଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡଧାରୀଙ୍କ ପାଇଁ ମାଗଣା ଚିକିତ୍ସା ଉପଲବ୍ଧ ଥିବା ଜଣାଇଥିଲେ। ଫାଗୁନି ନାୟକ, ଗୌରାଙ୍ଗ ନାଏକ, ରାଜୁ ସାହୁ, ଶିବ ମାରପାଚି, ନେହେରୁ ବାଗ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ରୁଟା ଜଙ୍ଗଲରେ ନିଆଁ

ଜୁନାଗଡ, ୭।୩ (ଡି.ଏନ.ଏ.)

**ବନ ବିଭାଗ ଆସିଲାନି, ଗାଁ ଲୋକେ ଲିଭାଇଲେ**

କଳାହାଣ୍ଡି ଜିଲା ଜୁନାଗଡ ରେଞ୍ଜ ଅଧୀନ ମାକରଶୋଲା ରୁଟା ଜଙ୍ଗଲରେ ରବିବାର ନିଆଁ ଲାଗିଥିବା ଦେଖିବାକୁ ମିଳିଥିଲା। ଜାରିଙ୍ଗ-ଦଶପୁର ପିଡବ୍ଲୁଡି ମୁଖ୍ୟ ରାସ୍ତା କଡରେ ମାକରୋଶୋଲା ଗାଁକୁ ଲାଗି ଏହି ଜଙ୍ଗଲ ରହିଛି । ଜଙ୍ଗଲରେ ଅଧିକାଂଶ ଶାଗୁଆନ ଭଳି ଅନ୍ୟ ମୂଲ୍ୟବାନ ଗଛଗୁଡିକ ରହିଛି। ବହୁତ ସମୟ ଧରି ନିଆଁ ଲାଗିବା ଯୋଗୁ ମୂଲ୍ୟବାନ ଗଛଗୁଡିକ ପୋଡିଯାଇଥିବା ବେଳେ ଅନ୍ୟ ଗଛଗୁଡିକ ମଧ୍ୟ ନିଆଁ ପକୋପରେ ନଷ୍ଟ ହେବା ଆଶାଙ୍କା ରହିଛି। ଏହି ଜଙ୍ଗଲ ମୁଖ୍ୟରାସ୍ତା ପାର୍ଶ୍ୱରେ ରହିଥିବାରୁ ନିଆଁ ଲାଗିଲେ ସ୍ଥାନୀୟ ଲୋକଙ୍କ ଯାତାୟତାରେ ମଧ୍ୟ ଅସୁବିଧା ସୃଷ୍ଟି ହୋଇଥାଏ। ରବିବାର ଦୀର୍ଘ ସମୟ ଧରି ଏହି ଜଙ୍ଗଲରେ ନିଆଁ ଲାଗି ଥିବାବେଳେ ସ୍ଥାନୀୟ ବନ ବିଭାଗ କର୍ମଚାରୀଙ୍କୁ ବାରମ୍ବାର ଖବର ଦେବା ପରେ ମଧ୍ୟ କାହାରୀ ଦେଖା ମିଳି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଜଙ୍ଗଲ ସୁରକ୍ଷାକୁ ଦୃଷ୍ଟିରେ ରଖି ମାକରଶୋଲା ଗ୍ରାମବାସୀ ନିଆଁ ଲିଭାଉଥିଲେ। ସେହିପରି ଏହି ଜଙ୍ଗଲରେ ବନ୍ୟ ଜୀବଜନ୍ତୁ ରହିଥିବାବେଳେ ନିଆଁ ଲାଗିବାରୁ ଭାଲୁ ଓ ଅନ୍ୟ ଜଙ୍ଗଲ ପ୍ରାଣୀ ଗାଁ ଭିତରକୁ ଜୀବନ ବଞ୍ଚାଇବା ପାଇଁ ଚାଲି ଆସିବେ ବୋଲି ଗ୍ରାମବାସୀଙ୍କ ମନରେ ଏବେ ଭୟ ଜାତ ହୋଇଛି। ଏ ନେଇ ଜୁନାଗଡ ବନବିଭାଗ ରେଞ୍ଜର ମୁରାରୀ ପଣ୍ଡାଙ୍କୁ ପଚାରିଥିବାରୁ କେତେକ ଷ୍ଟାପଙ୍କୁ ନିଆଁ ଲିଭାଇବା ପାଇଁ ପଠାଇବା ବ୍ୟବସ୍ଥା କରାଯାଇଛି ବୋଲି ପ୍ରକାଶ କରିଥିଲେ।



ରୁଟା ଜଙ୍ଗଲରେ ନିଆଁ ଲାଗିଛି।

